## ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ଦେବଗଡ,(ଡି.ଏନ.ଏ.): ଦେବଗଡ ଥାନା ଅନ୍ତର୍ଗତ ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମର ଜଣେ ଛାତ୍ରୀ(୧୫)ଙ୍କୁ ସମ୍ପୃକ୍ତ ଗ୍ରାମର ଜଣେ ଯୁବକ ଅପହରଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ଅଭିଯୁକ୍ତ ବିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାଇ ସମ୍ପୃକ୍ତ ଛାତ୍ରୀ ଗତ ୧୦ ତାରିଖ ବିଦ୍ୟାଳୟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଉକ୍ତ ଗ୍ରାମର ନିକୋଲାଶ ତିର୍କୀଙ୍କ ପୁଅ ସୁଦାମ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନେଇଯାଇଥିବା ଜାଣିଥିଲେ। ଶୁକ୍ରବାର ଚାଇଲ୍ଡ ଲାଇନର ପରାମର୍ଶ କ୍ରମେ ସମ୍ପୃକ୍ତ ଛାତ୍ରୀଙ୍କ ପିତା ଏନେଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

**ସଂକ୍ଷେପରେ**

## ବାଲିଶଙ୍କରା ବ୍ଲକରେ କରୋନାରେ ଜଣଙ୍କର ମୃତ୍ୟୁ

ସୁନ୍ଦରଗଡ/ବାଲିଶଙ୍କରା,୧୬।୪ (ଡି.ଏନ୍.ଏ): ଛତିଶଗଡ ସୀମାରେ ଥିବା ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକର କରୋନା ସଂକ୍ରମଣ ଅଣାୟତ୍ତ ସ୍ଥିତିରେ ପହଞ୍ଚିଛି। ଏହି ବ୍ଲକର କୁସୁମୁରା ଗ୍ରାମର କରୋନାରେ ଆକ୍ରାନ୍ତ ଦୀପକ ମିଶ୍ର ନାମକ ଜଣେ ୪୫ବର୍ଷୀୟ ବ୍ୟକ୍ତିଙ୍କ ଶୁକ୍ରବାର ରାଉରକେଲା କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅଞ୍ଚଳର ଜଣେ ଜଣାଶୁଣା ଠିକାଦାର ଭାବେ ପରିଚିତ ମିଶ୍ରଙ୍କ ମୃତ୍ୟୁପରେ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ସ୍ୱର୍ଗତଃ ମିଶ୍ରଙ୍କ ଶବ କୋଭିଡ ନିୟମାନୁଯାୟୀ ରାଉରକେଲା ଠାରେ ସତ୍କାର କରାଯାଇଛି। ସେହିପରି ଗୁରୁବାର ସୁନ୍ଦରଗଡ କୋଭିଡ କେୟାର ହସ୍ପିଟାଲରେ ବାଲିଶଙ୍କରା ବ୍ଲକର ଆଉ ଜଣେ ବ୍ୟକ୍ତିଙ୍କ ମଧ୍ୟ କରୋନାରେ ମୃତ୍ୟୁ ଘଟିଛି । ମୃତ୍ୟୁ ପରେ ତାଙ୍କୁ ସୁନ୍ଦରଗଡରେ ଶବ ସତ୍କାର କରାଯାଇଛି । ମୃତ ବ୍ୟକ୍ତିଙ୍କ ପରିବାର ଲୋକେ ଶବକୁ ଘରକୁ ନେଇ ନିଜ ଗ୍ରାମରେ ଅନ୍ତିମ ସଂସ୍କାର କରିବାକୁ ଜିଦ ଧରିବାରୁ ଉତ୍ତେଜନା ସୃଷ୍ଟି ହୋଇଛି। ପରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଓ ସଦର ଏସଡିପିଓ ମଧୁସ୍ମିତା ମିଶ୍ର ପହଞ୍ଚି କୋଭିଡ ନିୟମାନୁଯାୟୀ ଶବ ଦେବାର ନିୟମ ନ ଥିବା ବୁଝାଇବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା ।

## ବିଦ୍ୟୁତ୍ ନିଆଁରେ ଜଳିଗଲେ ଯୁବତୀ

ସୁନ୍ଦରଗଡ଼, ୧୬।୪ (ଡି.ଏନ୍.ଏ): ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି । ପାଖରେ ଥିବା ୧୧ କେଭିର ଏକ ଟ୍ରାନ୍ସଫର୍ମର ପୋଡି ଯିବାରୁ ସେହିପାଖ ଏକ ଘର ଛାତ ଉପରେ ସେହି ସମୟରେ ମୋବାଇଲ ଫୋନ୍‌ରେ କଥା ହେଉଥିବା ଜଣେ ଯୁବତୀ ଜଳନ୍ତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଯାଇ ମୃତ୍ୟୁବରଣ କରିଛନ୍ତି। ନିଆଁରେ ଜଳିଯାଉଥିବା ଦେଖି ପାଖରେ ଥିବା କିଛି ଯୁବକ ଦୌଡି ଯାଇ ତାଙ୍କୁ ଉଦ୍ଧାର କରି ଯୁବତୀଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବତୀଙ୍କ ନାମ ପ୍ରମିଳା ସୋରାଙ୍ଗ (୨୭)। ଜିଲା ସଂସ୍କୃତି ବିଭାଗ ପାଠାଗାରର ଲାଇବ୍ରେରିଆନ ଭାବେ କାର୍ଯ୍ୟରତ ଥିଲେ। ସେ ରହୁଥିବା ଭଡ଼ାଘର ଛାତ ଉପରେ ମୋବାଇଲ ଫୋନରେ କଥା ହେଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଗଞ୍ଜେଇ ଜବତ, ଜଣେ ଗିରଫ

ବରଗଡ଼ ଅଫିସ୍,୧୬।୪: ବରଗଡ଼ ଜିଲା ଅବକାରୀ ବିଭାଗ ଶୁକ୍ରବାର ସକାଳେ ଅମ୍ବାଭୋନା ଥାନା ତେଲିପାଲି ଗ୍ରାମରେ ଚଢ଼ାଉ କରି ୧୫ କି.ଗ୍ରା ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ କୃପାରାମ ସୁନାଙ୍କୁ ଗିରଫ କରି ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା।





ରାଜଗାଙ୍ଗପୁର ବ୍ଲକର କୁକୁଡା ଗ୍ରାମ ଏବଂ କୁତ୍ରା ବ୍ଲକର କଟଙ୍ଗ ଗ୍ରାମଠାରେ ଜନଶୁଣାଣିକୁ ଲୋକେ ବିରୋଧ କରି ସମବେତ ହୋଇଛନ୍ତି।

# ଖଣି ସମ୍ପ୍ରସାରଣ ପାଇଁ ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ

କୁତ୍ରା/ରାଜଗାଙ୍ଗପୁର, ୧୬।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଲାଞ୍ଜିବେର୍ଣ୍ଣାଠାରେ ଥିବା ଡାଲମିଆ ଭାରତ ସିମେଣ୍ଟ କାରଖାନାର ଖଣିର ସମ୍ପ୍ରସାରଣ ଜନଶୁଣାଣିକୁ ଅଞ୍ଚଳବାସୀଙ୍କ ବିରୋଧ କରିଥିବାର ଜଣାପଡିଛି। ସୁନ୍ଦରଗଡ ଜିଲାର ରାଜଗାଙ୍ଗପୁରଠାରେ ଦୀର୍ଘବର୍ଷ ହେବ ଡାଲମିଆ ଭାରତର ଏକ ସିମେଣ୍ଟ କାରଖାନା ରହିଛି। ଉକ୍ତ କାରଖାନା ପାଇଁ କମ୍ପାନୀର କୁତ୍ରା ବ୍ଲକର ଲାଞ୍ଜିବେର୍ଣ୍ଣାଠାରେ ଥିବା ଖଣିରୁ ସିମେଣ୍ଟ ତିଆରି ପାଇଁ କଞ୍ଚାମାଲ ଯାଇଥାଏ। ବିଗତ ବର୍ଷରେ କମ୍ପାନୀ ନିଜ କାରଖାନାକୁ ସମ୍ପ୍ରସାରଣ କରୁଥିବା ବେଳେ କାରଖାନା ପାଇଁ ଆବଶ୍ୟକୀୟ ହେଉଥିବା କଞ୍ଚାମାଲ ପାଇଁ ଲାଞ୍ଜିବେର୍ଣ୍ଣା ଖଣିକୁ ସମ୍ପ୍ରସାରଣ ପାଇଁ ଯୋଜନା କରୁଥିଲା। ଏହି ଖଣିର ସଂପ୍ରସାରଣର ପରିବେଶ ମଞ୍ଜୁରୀ ପାଇଁ ୧୬ ତାରିଖ ଶୁକ୍ରବାର ରାଜଗାଙ୍ଗପୁର ବ୍ଲକର କୁକୁଡା ଗ୍ରାମ ଏବଂ କୁତ୍ରା ବ୍ଲକର କଟଙ୍ଗ ଗ୍ରାମଠାରେ ଜନଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ରାଜଗାଙ୍ଗପୁର ବ୍ଲକର କୁକୁଡା ଗ୍ରାମଠାରେ ଜିଲା ପରିବେଶ ବିଭାଗ ପକ୍ଷରୁ ଜନଶୁଣାଣି ପାଇଁ ପ୍ରସ୍ତୁତି କରାଯାଇଥିଲା। ଏହି ଜନଶୁଣାଣିକୁ ଜନସାଧାରଣ ବିରୋଧ କରିବାର ଆଭାସ ପାଇବା ପରେ ପୋଲିସ ବିଭାଗର ଡିଏସପି ରବି ନାରାୟଣ ବାରିକଙ୍କ ନେତୃତ୍ୱରେ ୧୦ ପ୍ଲାଟୁନ ଫୋର୍ସ ସହିତ ବହୁ ପୋଲିସ ଅଧିକାରଙ୍କୁ ଜନଶୁଣାଣି ପାଇଁ ନିୟୋଜିତ କରାଯାଇଥିଲା। ହେଲେ ଶହଶହ ଗ୍ରାମବାସୀ ଉପସ୍ଥିତ ରହି ଏହି ଜନଶୁଣାଣିକୁ ବିରୋଧ କରିବା ସହିତ ପୋଲିସ ପ୍ରଶାସନକୁ ସଭାସ୍ଥଳକୁ ପଶିବାକୁ ଦେଇ ନ ଥିଲେ। ସେଠାରୁ ପୋଲିସ ପ୍ରଶାସନ ବାଧ ହୋଇ ଫେରିଯାଇଥିଲା। ଅପରାହ୍ନ ୪ଟା ସମୟରେ ପ୍ରଶାସନର ଧାର୍ଯ୍ୟ ମୁତାବକ କୁତ୍ରା ବ୍ଲକର କଟଙ୍ଗ ଗ୍ରାମଠାରେ ପ୍ରଶାସନ ପକ୍ଷରୁ ଜନଶୁଣାଣି ପାଇଁ ପ୍ରୟାସ କରାଯାଇଥିଲା। ହେଲେ ଏଠାରେ ମଧ୍ୟ ଶହଶହ ଗ୍ରାମବାସୀ ଉପସ୍ଥିତ ରହି ପୋଲିସ ପ୍ରଶାସନକୁ ସଭାସ୍ଥଳକୁ ପଶିବାକୁ ଦେଇ ନ ଥିଲେ। ଗ୍ରାମବାସୀମାନେ ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ କରିବା ସହିତ କମ୍ପାନୀକୁ ଜମି ନ ଦେବା ପାଇଁ ନିଷ୍ପତ୍ତି ନେବା ସହିତ ପ୍ରଶାସନ ବାଧ ହୋଇ ସଭାସ୍ଥଳରୁ ଫେରିଯାଇଥିବା ବେଳେ ଏହି ବିରୋଧ ସମୟରେ କୌଣସି ଅପ୍ରିତିକର ଘଟଣା ଘଟି ନ ଥିବାର ଜଣାପଡିଛି। ସମଗ୍ର ସୁନ୍ଦରଗଡ଼ ଜିଲାରେ କରୋନା ମହାମାରୀର ପ୍ରାଦୁର୍ଭାବ ଦେଖିବାକୁ ମିଳୁଥିବା ବେଳେ ଏହି ଭଳି ଜନଶୁଣାଣିକୁ ବୁଦ୍ଧିଜୀବୀ ମହଲରେ ବିରୋଧ କରାଯାଇଛି। ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ଲାଞ୍ଜିବେର୍ଣ୍ଣା ସ୍ଥିତ ଖଣି ପାଇଁ ଜମି ଅଧିଗ୍ରହଣ ଚିଠା ଶୁଣାଣି ଉପରେ ୧୫ ତାରିଖ କୁକୁଡା ପଞ୍ଚାୟତର ସରପଞ୍ଚ ରିଲା ସୁଶିଲା ଟପ୍ପୋ ନିଜ ପତ୍ର ମାଧ୍ୟମରେ ଘୋଷଣା କରିଥିଲେ ଯେ, ଏହି ଜମି ଅଧିଗ୍ରହଣ ଶୁଣାଣିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରିଛନ୍ତି । କିନ୍ତୁ ପୂର୍ବ ନିର୍ଦ୍ଧାରିତ କ୍ରମେ ସୁନ୍ଦରଗଡ ଉପଜିଲାପାଳ ଅଭିମନ୍ୟୁ ବେହେରା, ବିଡିଓ ପିୟୁଷ ଲୋହାର, ଜମି ଅଧିଗ୍ରହଣ ଅଧିକାରୀ ରସାଇ ଲାଗୁରି, ତହସିଲଦାର ଶରତ ବାଗ ଓ ଅନ୍ୟାନ୍ୟ ପ୍ରଶାସନ ଅଧିକାରୀ ତଥା ପୋଲିସ ପ୍ରଶାସନ ସମୟ ଅନୁଯାୟୀ କୁକୁଡା ପଞ୍ଚାୟତକୁ ଆସିଥିଲେ ।

## ବନ୍ଧୁକ ଦେଖାଇ ୩୫ ହଜାର, ବାଇକ୍ ଲୁଟ୍

ଉଲୁଣ୍ଡା,୧୬।୪(ଡି.ଏନ.ଏ.)

ଗୁରୁବାର ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ସାଲେସିଂ ବ୍ରିଜ ନିକଟରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଜଣେ ବ୍ୟବସାୟୀଙ୍କ ଠାରୁ ନଗଦ ୩୫ ହଜାର ଟଙ୍କା ଏବଂ ବାଇକ୍ ଲୁଟି ନେଇଛନ୍ତି । ଏ ନେଇ ଉଲୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ସମ୍ବଲପୁରର ବ୍ୟବସାୟୀ ମନୋଜ କୁମାର ତ୍ରିପାଠୀ ଗୁରୁବାର ବୀରମହାରାଜପୁର ଅଞ୍ଚଳରୁ ଟଙ୍କା ଅସୁଲି କରି ସମ୍ବଲପୁରକୁ ଏକ ବାଇକ୍ (ଓଡିଶ ଆର- ୪୩୫୪) ଯୋଗେ ଫେରୁଥିଲେ । ଏହି ସମୟରେ ଏକ ବାଇକ୍‌ରେ ପିଛା କରି ଆସୁଥିବା ତିନି ଜଣ ଯୁବକ ଅପରାହ୍ନ ପ୍ରାୟ ୫ଟାରେ ସାଲେସିଂ ବ୍ରିଜ ନିକଟରେ ନିଛାଟିଆ ଦେଖି ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ଠାରୁ ନଗଦ ୩୫ ହଜାର, ଗୋଟିଏ ସାମସଙ୍ଗ ମୋବାଇଲ, ବାଇକ୍ ଏବଂ କିଛି ଜରୁରୀ କାଗଜପତ୍ର ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଘଟଣାସ୍ଥଳରୁ ମନୋଜ ଚାଲି ଚାଲି ଆସି ବିଳମ୍ବିତ ରାତ୍ରିରେ ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା(୬୦/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଯଥାଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ଟଙ୍କଧର ଛତ୍ରିଆ ପ୍ରକାଶ କରିଛନ୍ତି।

# ମୋ ସ୍କୁଲ ଅଭିଯାନର ସମ୍ବର୍ଦ୍ଧନା ସଭା




ମୋ ସ୍କୁଲ ଅଭିଯାନର ସମ୍ବର୍ଦ୍ଧନା ସଭାରେ ଅତିଥି ଓ ପୁରାତନ ଛାତ୍ର।

ସୁନ୍ଦରଗଡ଼, ୧୬।୪ (ଡି.ଏନ୍.ଏ)

ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ଟି ବ୍ଲକର ମୋ ସ୍କୁଲ ଅଭିଯାନରେ ଉଲ୍ଲେଖନୀୟ ଅବଦାନ ପାଇଁ ମନୋନୀତ ୫ଜଣ ଲେଖାଏଁ ପୁରତାନ ଛାତ୍ରଙ୍କୁ ଜିଲା ପ୍ରଶାସନ ତରଫରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି । ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ପ୍ରଶଂସା ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସୁନ୍ଦରଗଡ ଜିଲାରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ କାଂଶବାହାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ଓ ଲୁଆବାହାଲ ହାଇସ୍କୁଲର ପୁରାତନ ଛାତ୍ରୀ ସୁଷମା ପଟେଲ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରି ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଦର୍ଶାଇଥିଲେ। ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଜଷ୍ଟିସ ବିଜୟକୃଷ୍ଣ ପଟେଲ ୧ଲକ୍ଷ, ସଞ୍ଜୟ ନନ୍ଦ ୨ଲକ୍ଷ, ଭବାନୀ ପ୍ରସାଦ ମାଝୀ ୧ଲକ୍ଷ, ଅନୀଲ ଅଗ୍ରୱାଲ ୫୦ ହଜାର ଓ ୫ଟି ଲୁହା ଆଲମୀରା, ବଟକିଶୋର ମିଶ୍ର ୫୦ହଜାର, ରାଜକିଶୋର ଷଡଙ୍ଗୀ ୧୦ହଜାର, ବେଣୁମାଧବ ତ୍ରିପାଠୀ ତାଙ୍କ ବ୍ୟଚର ସମସ୍ତଙ୍କ ସହଯୋଗରେ ଆର୍ଥିକ ଅନୁଦାନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ସବ୍‌ଡେଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା, ହେମଗିର ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ, ବଡଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲା ବିଜ୍ଞାନ ଶିକ୍ଷା ନୀରିକ୍ଷକ ଗୋପିନାଥ ନାଏକ, ସୁରଜ ଚୌଧୂରୀ, ସଞ୍ଜୟ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଚିତ୍ର ମାଧ୍ୟମରେ ମୋସ୍କୁଲ ଅଭିଯାନର ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ହୋମଗାର୍ଡ ଆତ୍ମହତ୍ୟା ମାମଲା**

ଝାରବନ୍ଧ,୧୬।୪(ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧରେ ହୋମଗାର୍ଡ଼ ସଞ୍ଜୟ ପ୍ରଧାନଙ୍କ ଆତ୍ମହତ୍ୟା ମାମଲାକୁ ନେଇ ଶୁକ୍ରବାର ପୁଣି ଆନ୍ଦୋଳନ ତେଜିଛି। ସଞ୍ଜୟଙ୍କ ଆତ୍ମହତ୍ୟାରେ ତାଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ପକ୍ଷରୁ ସ୍ଥାନୀୟ କିଛି ଲୋକଙ୍କୁ ଦାୟୀ କରି ଥାନାରେ ଏତଲା ଦିଆଯାଇଥିଲା। ମାତ୍ର ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିନାହିଁ। ଏହାର ପ୍ରତିବାଦରେ ମୃତ ହୋମଗାର୍ଡ଼ଙ୍କ ପରିବାର ସମେତ ସ୍ଥାନୀୟ ଲୋକେ ଝାରବନ୍ଧ ଥାନାକୁ ଘେରାଉ କରିଥିଲେ। ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଆନ୍ଦୋଳନସ୍ଥଳକୁ ଆସି ମାମଲାର ତଦନ୍ତ ପାଇଁ ଇନ୍ସପେକ୍ଟର ଜି.ଆର ସତନାମୀଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହାପରେ ପରିବାର ଲୋକେ ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଯେ, ଗତ ୪ତାରିଖରେ ହୋମଗାର୍ଡ଼ ସଞ୍ଜୟ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ଏହାପୂର୍ବରୁ ସେ ଏକ ସୁଇସାଇଡ଼ାଲ ନୋଟ୍ ଲେଖିଥିଲେ ଏବଂ ତାଙ୍କ ଆତ୍ମହତ୍ୟା ପାଇଁ କିଛି ଲୋକଙ୍କୁ ଦାୟୀ କରିଥିଲେ। ଫଳରେ ସମ୍ପୃକ୍ତ ଲୋକଙ୍କୁ ଗିରଫ ଦାବିରେ ପରିବାର ଲୋକେ ମୃତଦେହ ରଖି ସେତେବେଳେ ଥାନା ଆଗରେ ଧାରଣା ଦେଇଥିଲେ ଏବଂ ପୋଲିସ ମଧ୍ୟ ଅଭିଯୁକ୍ତଙ୍କୁ ୭ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଘଟଣାର ୧୨ଦିନ ପରେ ମଧ୍ୟ ଏହି ମାମଲାରେ ପୋଲିସ ହାତ ଖାଲି ଥିବାରୁ ପରିବାର ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ।

## ରାଉରକେଲାରେ କୋଭିଡ୍ ପରୀକ୍ଷା, ଚିକିତ୍ସା ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା

ରାଉରକେଲା ଅଫିସ, ୧୬।୪

ରାଉରକେଲା ସହରରେ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। କୋଭିଡ୍ ଲକ୍ଷଣ ଥିବା ବ୍ୟକ୍ତିମାନେ ନିଜର ପରୀକ୍ଷା କରାଇ ନେବା ସହ ଆବଶ୍ୟକ ହେଲେ ଚିକିତ୍ସା ପାଇଁ କାହା ସହ ଯୋଗାଯୋଗ କରିବେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କୌଣସି ବ୍ୟକ୍ତିଙ୍କଠାରେ କୋଭିଡ୍ ଭଳି ଲକ୍ଷଣ ଦେଖାଦେଲେ ସେ ତୁରନ୍ତ ରାଉରକେଲା ସରକାରୀ ଚିକିତ୍ସାଳୟ (ଆର୍‌ଜିଏଚ) କିମ୍ବା ଅନ୍ୟ ଘରୋଇ ଚିକିତ୍ସାଳୟର ଫ୍ଲୁ-କ୍ଲିନିକ୍ ସହ ପରାମର୍ଶ କରିବା ଦରକାର। ସେଠାରେ ଲକ୍ଷଣ ଦେଖିବା ପରେ ଡାକ୍ତର କୋଭିଡ୍ ପରୀକ୍ଷା ପାଇଁ ପରାମର୍ଶ ଦେଇପାରନ୍ତି। ତେବେ କୋଭିଡ୍ ପରୀକ୍ଷା ଆବଶ୍ୟକ ହେଉ ନଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରି ଘରେ ବିଶ୍ରାମ ନିଅନ୍ତୁ। ଯେଉଁ ରୋଗୀଙ୍କର କୋଭିଡ୍ ପରୀକ୍ଷା ଆବଶ୍ୟକ ଡାକ୍ତର ସେ ବାବଦରେ ପରାମର୍ଶ ଦେବେ। ରାଉରକେଲା ସରକାରୀ ଚିକିତ୍ସାଳୟ (ଆରଜିଏଚ) ଏବଂ ସେକ୍ଟର-୬ସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଉଭୟ ଆରଟିପିସିଆର୍ ଓ ଆଣ୍ଟିଜେନ୍ ପରୀକ୍ଷା ଲାଗି ବ୍ୟବସ୍ଥା ରହିଛି। ସେହିପରି ରାଉରକେଲାର ଜେପି ହସ୍ପିଟାଲ, ଭେସଜ ପଟେଲ ହସ୍ପିଟାଲ, ହାଇଟେକ୍ ହସ୍ପିଟାଲ, ଆଇଜିଏଚ୍ ଏବଂ ବନ୍ଧମୁଣ୍ଡାସ୍ଥିତ ରେଲୱେ ହସ୍ପିଟାଲରେ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି।କୋଭିଡ୍ ଟେଷ୍ଟ କରାଉଥିବା ବ୍ୟକ୍ତିମାନଙ୍କ ସୂଚନା ପାଇଁ ରାଉରକେଲା ମହାନଗର ନିଗମ ୱେବସାଇଟରେ କୋଭିଡ୍ ନେଗେଟିଭ୍ ରିପୋର୍ଟ ପ୍ରକାଶ କରାଯିବ। କୌଣସି ବ୍ୟକ୍ତିଙ୍କର କୋଭିଡ୍ ରିପୋର୍ଟ ଯଦି ପଜିଟିଭ୍ ଆସେ ସେ ଚାହିଁଲେ ଯେ କୌଣସି ଘରୋଇ ହସ୍ପିଟାଲକୁ ଯାଇ ଚିକିତ୍ସା କରିପାରିବେ। କାରଣ ସବୁ ଘରୋଇ ଡାକ୍ତରଖାନାରେ କୋଭିଡ୍ ରୋଗୀଙ୍କ ପାଇଁ ବେଡ୍ ସୁବିଧା ରହିଛି। ତେବେ ଯେ କେହି କୋଭିଡ୍ ପଜିଟିଭ୍ ବ୍ୟକ୍ତି ସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେବା ପାଇଁ ହାଇଟେକ୍ କୋଭିଡ୍ ହସ୍ପିଟାଲ ସହ ଯୋଗାଯୋଗ କରିପାରିବେ। ରାଉରକେଲାସ୍ଥିତ ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଜଣେ କୋଭିଡ୍ ପଜିଟିଭ୍ ବ୍ୟକ୍ତି ପହଞ୍ଚିବା ପରେ ତାଙ୍କର ସେଠାରେ ପରୀକ୍ଷା କରାଯିବ। ତାଙ୍କର ଚିକିତ୍ସା କୌଣସି ସରକାରୀ କୋଭିଡ୍ ହସ୍ପିଟାଲ ଯେପରିକି ହାଇଟେକ୍ ହସ୍ପିଟାଲ, ଶାନ୍ତି ମେମୋରିଆଲ କିମ୍ବା ଜେପି କୋଭିଡ୍ ହସ୍ପିଟାଲରେ କରାଯିବ। ଜଣେ କୋଭିଡ୍ ପଜିଟିଭ୍ ବ୍ୟକ୍ତିଙ୍କର ପରୀକ୍ଷା ପରେ ଆବଶ୍ୟକ ହେଲେ ତାଙ୍କୁ ହୋମ ଆଇସୋଲେସନ ପାଇଁ ଡାକ୍ତର ପରାମର୍ଶ ଦେଇପାରନ୍ତି। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା ସହ ନିଶ୍ଚିତ ଭାବେ ୧୪ ଦିନ ଯାଏଁ ଘରେ ସଙ୍ଗରୋଧରେ ରହିବାକୁ ପଡ଼ିବ। ଘରେ ସଙ୍ଗରୋଧ ବେଳେ ରୋଗୀଙ୍କଠାରେ ଯଦି କୌଣସି ଲକ୍ଷଣ ଦେଖାଦିଏ ତାହାଲେ ସେ ୭୦୦୮୫୩୪୩୮୪ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଥିବା ବ୍ୟକ୍ତିଙ୍କ ପରିବାର ଲୋକେ କୋଭିଡ୍ ଟେଷ୍ଟ କରାଇନେବା ଆବଶ୍ୟକ।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଡୁମେରମୁଣ୍ଡା ଶ୍ରୀଧର ବେନିଆ ହତ୍ୟା ଘଟଣା**

କଣ୍ଟାବାଞ୍ଜି,୧୬।୪(ଡି.ଏନ.ଏ.)

ଶ୍ରୀଧର ବେନିଆ ହତ୍ୟା ମାମଲାର ବିଚାର କରି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ସେ ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଦେବା ସହ ୧୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।ମିଳିଥିବା ସୂଚନା ଅନୁସାରେ, ମୁରିବାହାଲ ଥାନା ଡୁମେରମୁଣ୍ଡା ଗାଁର ଶ୍ରୀଧର ବେନିଆଙ୍କୁ ସେହି ଗାଁର ବିଚିତ୍ର ବେନିଆ(୪୮) ଗତ ୨୦୧୭ ମସିହାରେ ହତ୍ୟା କରିଥିଲେ । ମୁରିବାହାଲ ଥାନା କେସ ନଂ.୧୨୨/୧୦।୧୧।୨୦୧୭, ଦଫା ୪୫୨/୩୦୨ ଆଇପିସିରେ ମାମଲା ଚାଲିଥିଲା । ଏହି ମାମଲାରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିବା ପରେ କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ସାମଲ ଅଭିଯୁକ୍ତ ବିଚିତ୍ରଙ୍କୁ ଆଜୀବନ କାରାଦଣ୍ଡ ସହ ୧୫ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଥିଲେ। ଏହି ମାମଲାକୁ ଏ.ଡି.ଜେ.କୋର୍ଟର ଆଡିସିନାଲ ପି.ପି. କାନନକିଶୋର ପଣ୍ଡା ପରିଚାଳାନା କରୁଥିଲେ।

# ସେଲ୍‌ର ସମସ୍ତ ୟୁନିଟରେ ଧର୍ମଘଟ ମେ ୩ରେ

**ସମାନୁପାତିକ ଦରମା ବୃଦ୍ଧି ଦାବି**

ରାଉରକେଲା ଅଫିସ, ୧୬।୪

ତିନି ଦଫା ଦାବିରେ ଶୁକ୍ରବାର ସେଲର ସମସ୍ତ ୟୁନିଟ ଏବଂ ଆର୍‌ଆଇଏନଏସ୍‌ରେ ବିଏମ୍‌ଏସ୍ ତରଫରୁ ମେ ମାସ ତିନି ତାରିଖ ପାଇଁ ୨୪ ଘଣ୍ଟିଆ ଧର୍ମଘଟ ନୋଟିସ ଦିଆଯାଇଛି। ତିନୋଟି ପ୍ରମୁଖ ଦାବି ହେଉଛି ସେଲରେ ଅଫିସରଙ୍କ ଭଳି ଶ୍ରମିକଙ୍କୁ ମଧ ସମାନୁପାତିକ ଏମଜିବି ଏବଂ ପ୍ରିଞ୍ଜି ବେନିଫିଟ ମିଳୁ। ୧ ଜାନୁୟାରୀ, ୨୦୧୭ରୁ ସମ୍ପୂର୍ଣ୍ଣ ଏରିୟର ପ୍ରଦାନ କରାଯାଉ । କଣ୍ଟ୍ରାକ୍ଟର ୱାର୍କରଙ୍କ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଦରମା ବୃଦ୍ଧି କରାଯାଉ। ପ୍ରକାଶ ଥାଉକି, ୩୧ ମାର୍ଚ୍ଚ ଏନଜିସିଏସ ମିଟିଂର ବିଫଳତା ପରେ ବିଏମ୍‌ଏସ୍ ତରଫରୁ ପ୍ରୟାସ କରାଗଲା ଯେ, ସମସ୍ତ ଏନ୍‌ଜେସିଏସ ୟୁନିୟନ ସେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ମିଳିତ ସଂଗ୍ରାମ କରନ୍ତୁ। କିନ୍ତୁ ଦୁର୍ଭାଗ୍ୟବଶତଃ ନିଜର ଅହଂକାର ଯୋଗୁ ଆଜି ମିଳିତ ଆନ୍ଦୋଳନ ସଫଳ ହେଉନାହିଁ। ସିଆଇଟିୟୁ ଏବଂ ଏଆଇଟିୟୁ ୫ ବର୍ଷିଆ ମଜୁରୀ ଚୁକ୍ତିନାମା ଦାବିରେ ଅଟଳ। ସେଥିଯୋଗୁଁ କମନ ଏଜେଣ୍ଡା ହୋଇପାରୁ ନାହିଁ । ଧର୍ମଘଟ ପାଇଁ କମନ ତାରିଖର କଥା ଆସିଲା ବେଳକୁ ଆଇଏନଟିୟୁସିର ସ୍ୱଷ୍ଟ ମତ ହେଉଛି ଯେ, ଯେପର୍ଯ୍ୟନ୍ତ କମନ ଏଜେଣ୍ଡା ହୋଇନାହିଁ ସେ ପର୍ଯ୍ୟନ୍ତ କମନ ଧର୍ମଘଟ ତାରିଖ ମଧ ସମ୍ଭବ ନୁହେଁ। କେହି କାହାର ଜିଦ୍ ଛାଡିବାକୁ ପ୍ରସ୍ତୁତ ନୁହନ୍ତି। ରାଉରକେଲାରେ ସ୍ଥାନୀୟ ସ୍ତରରେ ଆରଜେପିରେ ପଞ୍ଜିକୃତ ସମସ୍ତ ୟୁନିୟନମାନଙ୍କର ମିଳିତ ବୈଠକ ୧୫ ମାର୍ଚ୍ଚ ସନ୍ଧ୍ୟା ସାଢ଼େ ୮ଟାରେ ସ୍ଥାନୀୟ ଆରଆଇକେକେଏସ୍ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ଆରଆଇକେକେଏସ୍‌ର ସଭାପତି ହିମାଂଶୁ ବଳଙ୍କ ଅଧ୍ୟକ୍ଷତାରେ ଏକ ସର୍ବସମ୍ମତି ନିଷ୍ପତ୍ତି ପାଇଁ ବହୁତ ଚେଷ୍ଟା କରାଗଲା। କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ବୈଠକରେ ଉପସ୍ଥିତ କେତେଜଣ ନେତୃବୃନ୍ଦ ପ୍ରଶ୍ନ କଲେ ଯେ, ବୋକାରୋରେ ୧ ଏପ୍ରିଲ ସନ୍ଧ୍ୟାରେ ବିଏମଏସ ଅଫିସରେ ଏକ ମିଟିଂ କରାଯାଇ ସର୍ବସମ୍ମତି ନିଷ୍ପତ୍ତି ହୋଇଛି ଯେ, ୬ ମେକୁ ସମସ୍ତେ ଧର୍ମଘଟକୁ ଯିବେ। କିନ୍ତୁ ଯେତେବେଳେ ଅନୁସନ୍ଧାନ କରାଗଲା ସେତେବେଳେ ସତ୍ୟ ପଦାକୁ ଆସିଲା ଯେ, ୧୪ ତାରିଖରେ ସେଭଳି କିଛି ମିଟିଂ ହୋଇନାହିଁ । ମିଳିତ ବୈଠକରେ ସମସ୍ତ ୟୁନିୟନ ରାଜି ହେଲେ ଯେ, ମିଳିତ ଲଢ଼େଇ ଦରକାର। ଏନଜେସିଏସ ଯେହେତୁ କେନ୍ଦ୍ରୀୟ ମୁଦ୍ଦା ତେଣୁ କେନ୍ଦ୍ର ସ୍ତରରେ ଏକତା ଆସିବା ଦରକାର। ସର୍ବସମ୍ମତିରେ ପ୍ରସ୍ତାବ ଗୃହିତ ହେଲା ଯେ, ଆଇଏନଟିୟୁସିର ସଞ୍ଜିବ ରେଡ୍ଡି ଏବଂ ସିଆଇଟିୟୁର ତପନ ସେନଙ୍କୁ ଏଠାକାର ସ୍ଥାନୀୟ ପ୍ରତିନିଧି ଯୋଗାଯୋଗ କରି କମନ ଏଜେଣ୍ଡା ଏବଂ କମନ ଧର୍ମଘଟ ତାରିଖ ନିଷ୍ପତ୍ତି ନିଅନ୍ତୁ ଏବଂ ଏହାକୁ ବିଏମଏସ ମାନିବ ନଚେତ ବିଏମଏସ ତାହାର ଦାବି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଚାଲୁ ରଖିବା ଯେହେତୁ କେନ୍ଦ୍ରୀୟ ସ୍ତରରେ ଆଜି ମଧ କିଛି ନିଷ୍ପତ୍ତି ହୋଇପାରିଲା ନାହିଁ। ତେଣୁ ଆରଆଇକେକେଏସ ଆଜି ଆରଜେପି କର୍ତ୍ତୃପକ୍ଷଙ୍କୁ ୩ ମେରେ ୨୭ ଘଣ୍ଟିଆ ଧର୍ମଘଟ ପାଇଁ ନୋଟିସ ଦେଇଛି। ନୋଟିସର କପି ଲେବର କମିଶନର (କେନ୍ଦ୍ରୀୟ), ଏଡିଏମ, ଏସପିଙ୍କୁ ମଧ ଦିଆଯାଇଛି। ଆରଆଇକେକେଏସ୍ ଅଫିସରେ ହୋଇଥିବା ମିଳିତ ବୈଠକରେ ରାଉରକେଲା ଶ୍ରମିକ ସଂଘର ଦିଲୀପ ମହାପାତ୍ର, ବୀରକିଶୋର ଶେଖର ଦେଓ, ରଘୁନାଥ ଭୁକ୍ତା, ସୁଜିତ ନାଏକ, ଗାଙ୍ଗପୁର ମଜଦୁର ମଞ୍ଚର ଗୋପାଳ ଦାସ, ବି. କୁଜୁର, ସିଆଇଟିୟୁର ବସନ୍ତ ନାଏକ, ଏଆଇଟିୟୁର ପ୍ରଭାତ ମିଶ୍ର, ଏସଇଏଆରର ବୈଦ୍ୟନାଥ ଦାସ, ଆମ ମଜଦୁର ସଙ୍ଗଠନର ବିନୟ ତିୱାରୀ, ଗଣେଶ୍ୱର ସାମଲ, ଆରଡବ୍ଲୁୟୁର ଅଜିତ ନାଏକ, ଆଇଏଲୟୁର ଏନକେ ମାହାନ୍ତି, ଏନଓଡବ୍ଲୁଏର ରାଜେଶ ପତି ପ୍ରମୁଖ ଉପସ୍ଥିତ ଥିଲେ । ଆରଜେପିରେ ସମସ୍ତେ ମିଳିତ ହୋଇ ଲଢ଼ନ୍ତୁ ଏ ପ୍ରୟାସ ଆରଆଇକେକେଏସ ଜାରି ରଖିବ । ୩ ମେର ଧର୍ମଘଟକୁ ସଫଳ କରିବା ପାଇଁ ଆରଆଇକେକେଏସ୍ ତରଫରୁ ଆରଜେପିରେ କାର୍ଯ୍ୟରତ ସମସ୍ତ ୟୁନିୟନମାନଙ୍କୁ ପତ୍ର ମାଧ୍ୟମରେ ନିମନ୍ତ୍ରଣ କରାଯିବ। ଆମର ଆଶା ଶ୍ରମିକ ହିତକୁ ପ୍ରାଧାନ୍ୟ ଦେଇ ସମସ୍ତ ୟୁନିୟନ ୩ ମେର ଧର୍ମଘଟକୁ ସଫଳ କରିବେ ।

## ସପ୍ତାହାନ୍ତରେ ବନ୍ଦ ରହିବ ଟିକା କେନ୍ଦ୍ର

ସମ୍ବଲପୁର,(ବ୍ୟୁରୋ): କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ରାଜ୍ୟ ସରକାର ନୂତନ ଗାଇଡ୍‌ଲାଇନ ଜାରି କରିଛନ୍ତି। ୧୦ ଜିଲାରେ ଥିବା ମହାନଗର ନିଗମ, ମ୍ୟୁନିସିପାଲିଟି, ଏନ୍‌ଏସିଗୁଡ଼ିକରେ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରାଯାଇଛି। ତେଣୁ ଲୋକମାନଙ୍କ ସୁବିଧା ଦୃଷ୍ଟିରୁ ଏଠାରେ ଚାଲିଥିବା ଟିକା କେନ୍ଦ୍ର ବନ୍ଦ ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ହେଲେ ବ୍ଲକ ଅଞ୍ଚଳରେ ଚାଲିଥିବା ଟିକା କେନ୍ଦ୍ର ପୂର୍ବଭଳି ଖୋଲାରହିବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି। ଅନ୍ୟ ଦିନଗୁଡ଼ିକରେ ପୂର୍ବଭଳି ଖୋଲାରହିବ।

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ: ୨ ଗିରଫ

**ସମ୍ବଲପୁର, ୧୬।୪ (ବ୍ୟୁରୋ):** ସମ୍ବଲପୁର ସଦର ଥାନା ପୋଲିସ ଚୋରି ସାମଗ୍ରୀ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନ୍ଦିରପଙ୍କ ନିକଟ ପିଲାକନ୍ଦେଇପଡାର ମୁନୁ ଲରିଆ (୨୦) ଓ ଆର୍ତ୍ତା ଦୀପ (୨୮)। ସେମାନଙ୍କ ନିକଟରୁ ଚୋରି ଲୁହାଛଡ, ଗ୍ୟାସ୍ ସିଲିଣ୍ଡର, ଗ୍ରାଇଣ୍ଡର ଓ କଂସାବାସନ ଜବତ ହୋଇଛି। ଏ ନେଇ ସଦର ଥାନାରେ ୮୪ ଓ ୮୫/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ଅଭିଯୋଗକ୍ରମେ ଗତ ୯ ତାରିଖ ରାତିରେ ଅଭିଯୁକ୍ତମାନେ ଏନ୍‌ଏସ୍‌ସିବି କଲେଜ ଛକର ସୋମନାଥ ପାଣିଗ୍ରାହୀ ଓ ପିଲାକନ୍ଦେଇ ପଡାର ସୁଲୋଚନା ଦାଶଙ୍କ ଘରୁ ଚୋରି କରିଥିଲେ।

### ପୁରାତନ ଛାତ୍ରୀଛାତ୍ର ସମ୍ମାନିତ

**ସମ୍ବଲପୁର, ୧୬।୪ (ବ୍ୟୁରୋ):** ସମ୍ବଲପୁର ମୁଦିପଡାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସମ୍ମାନିତ କରାଯାଇଛି। ମୋ ସ୍କୁଲ ଅଭିଯାନରେ ଏହି ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇ ସ୍କୁଲର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦିକ୍ଷୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବିତା ପୁରୋହିତ, ବିପିନ ନାୟକ, କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ନିରଞ୍ଜନ ଦେହୁରି, ବାଣୀ ରାୟ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ରେଳବାଇ ଲୋକପାଇଲଟ୍ ପୁରସ୍କୃତ

**ସମ୍ବଲପୁର, ୧୬।୪ (ବ୍ୟୁରୋ):** ସମ୍ବଲପୁର ରେଳ ମଣ୍ଡଳ ବିଦ୍ୟୁତ୍ ବିଭାଗ ଟିଟିଲାଗଡ ଷ୍ଟେଶନରେ କାର୍ଯ୍ୟରତ ଲୋକପାଇଲଟ୍ ସତ୍ୟନାରାୟଣ ମେହେରଙ୍କୁ ପୁରସ୍କୃତ କରାଯାଇଛି। ଶୁକ୍ରବାର ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ତାଙ୍କୁ ପ୍ରମାଣପତ୍ର ଓ ଅର୍ଥରାଶି ପ୍ରଦାନ କରିଥିଲେ। ନିରାପତ୍ତା ପ୍ରତି ସଜାଗ ଓ ରେଳ ଚଳାଚଳ ପ୍ରତି ତାଙ୍କର କର୍ତ୍ତବ୍ୟନିଷ୍ଠା ଯୋଗୁ ସେ ପୁରସ୍କୃତ ହୋଇଥିଲେ।

### ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ

**ପଡିଆବାହାଲ, ୧୬।୪ (ଡି.ଏନ.ଏ.):** ଯୁଯୁମୁରା ବ୍ଲକ ଡଙ୍ଗରପଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଭଣ୍ଡାରିମାଲ ଗ୍ରାମର ଅକ୍ଷୟ ବଡ଼ାଇଙ୍କ ଶୁକ୍ରବାର ଦେହାନ୍ତ ହୋଇଯାଇଛି। ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ରାଜଘାଟଠାରେ ତାଙ୍କ ମୃତଦେହ ସତ୍କାର କରାଯାଇଛି। ଖବର ପ୍ରଚାରିତ ହେବା ପରେ ପଡିଆବାହାଲ ଓ ଡଙ୍ଗରପଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୧୨୦ ବଦଳରେ ୧୫୦ ରୋଗୀଙ୍କ ଚିକିତ୍ସା

**ସମ୍ବଲପୁର, ୧୬।୪ (ବ୍ୟୁରୋ)**

**ଭିମ୍‌ସାର କୋଭିଡ୍ ମେଡିକାଲ**
- ରାତିଅଧିଆ ଆସୁଛନ୍ତି ସଂକ୍ରମିତ
- ଡାକ୍ତର, କର୍ମଚାରୀଙ୍କ ଅଭାବ

ସମ୍ବଲପୁର ଜିଲାର ଏକମାତ୍ର କୋଭିଡ୍ ମେଡିକାଲ ବୁର୍ଲା ଭିମ୍‌ସାରରେ ରହିଛି। ଏଠାକୁ ଜିଲା ସମେତ ପଡୋଶୀ ଜିଲାର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଜିଲା ତଥା ପଶ୍ଚିମ ଓଡ଼ିଶାରେ କୋଭିଡ୍ ସଂକ୍ରମଣ ଯେଭଳି ବୃଦ୍ଧି ପାଉଛି ସେଭଳି ଭିମ୍‌ସାରରେ ମଧ୍ୟ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ରାତିଅଧିଆ ରୋଗୀମାନେ ଚିକିତ୍ସା ପାଇଁ ଆସୁଛନ୍ତି। ସେମାନଙ୍କୁ ଫେରାଇବା ଠିକ୍ ହେବନି ଭାବି ଡାକ୍ତରମାନେ ଚିକିତ୍ସା କରୁଛନ୍ତି। ଭିମ୍‌ସାରରେ ୧୦୦ ସାଧାରଣ ବେଡ୍ ଓ ୨୦ ଆଇସିୟୁ ମୋଟ ୧୨୦ ବେଡ୍ ରହିଛି। ହେଲେ ଶୁକ୍ରବାର ୧୨୦ ବଦଳରେ ୧୫୦ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। କୋଭିଡ୍ ମେଡିକାଲର ସାଧାରଣ ୱାର୍ଡରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୩୦ଟି ବେଡ୍ ବୃଦ୍ଧି କରାଯାଇଛି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଚିକିତ୍ସା ପାଇଁ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଦେଖାଯାଉଛି। ସରକାର ଦ୍ୱିତୀୟ ମେଡିକାଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୧୦ଦିନ ଭିତରେ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ତାଗିଦ କରାଯାଇଛି। ହେଲେ ବାସ୍ତବ ସ୍ଥିତି ଆଗକୁ ଜଣାପଡିବ।

ଭିମ୍‌ସାରରେ ଦ୍ୱିତୀୟ କୋଭିଡ୍ ମେଡିକାଲ ପାଇଁ ବେଡ୍ ବୃଦ୍ଧି କରାଗଲେ ଏହି ସଂଖ୍ୟା ୫୨୫ ହେବ। ହେଲେ ଯେଭଳି ଭାବେ ସଂକ୍ରମଣ ବୃଦ୍ଧି ପାଉଛି, ଆଗାମୀ ଦିନରେ ଏହା ମଧ୍ୟ ନିଅଣ୍ଟ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷେ ବେଡ୍ ସଂଖ୍ୟା ବୃଦ୍ଧି କରାଯାଇଥିଲେ ମଧ୍ୟ ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରିବା ପାଇଁ ସେଭଳି ନିର୍ଦ୍ଦେଶ ଦିଆଯାଇ ନାହିଁ। ନିୟୋଜିତ ଥିବା ଡାକ୍ତର ଓ କର୍ମଚାରୀମାନେ ପରିଚାଳନା କରିବାକୁ କୁହାଯାଇଛି। ସେହିପରି ଅଧିକାଂଶ କୋଭିଡ୍ ସଂକ୍ରମଣଙ୍କୁ ହୋମ୍ ଆଇସୋଲେଶନ୍‌ରେ ରଖାଯାଇ ଚିକିତ୍ସା କରାଯାଉଥିବାରୁ ପରିସ୍ଥିତିରେ କିଛିଟା ସୁଧାର ରହିଛି। ଏ ସମ୍ପର୍କରେ ନୋଡାଲ ଅଫିସର ସୁଦର୍ଶନ ପୋଥାଳ କହିଛନ୍ତି, ଉତ୍ତମ ଚିକିତ୍ସା ଆଶା ନେଇ ଭିମ୍‌ସାରକୁ ରୋଗୀମାନେ ଆସୁଛନ୍ତି। ରାତିଅଧିଆ ମଧ୍ୟ ସେମାନେ ବିଭିନ୍ନ ଜିଲାରୁ ଆସୁଛନ୍ତି। ସେମାନଙ୍କୁ ନ ଫେରାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ବେଡ୍ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। କୋଭିଡ୍ ରୋଗୀ ସହିତ ଆସୁଥିବା ଅନ୍ୟ ରୋଗୀମାନଙ୍କୁ ଚିକିତ୍ସା କରାଯାଉଛି। ତେଣୁ ଡାକ୍ତର, କର୍ମଚାରୀଙ୍କୁ ସମସ୍ୟା ହେଉଥିବା ସେ କହିଥିଲେ।



ବୁର୍ଲାସ୍ଥିତ ଭିମ୍‌ସାର କୋଭିଡ୍ ମେଡିକାଲ।

# ଦିନକରେ ୧୫୩ କୋଭିଡ୍ ପଜିଟିଭ୍


ମହାନଗର ନିଗମ ପକ୍ଷରୁ ଡାକବାଜି ଯନ୍ତ୍ରରେ ସୂଚନା ଦିଆଯାଉଛି ।

**ସମ୍ବଲପୁର, ୧୬।୪(ବ୍ୟୁରୋ)**

- ଡାକବାଜି ଯନ୍ତ୍ରରେ ଘୋଷଣା କରାଗଲା କଟକଣା
- ଯୁଯୁମୁରା ହାଇସ୍କୁଲର ୨ ଶିକ୍ଷକ ପଜିଟିଭ

ସମ୍ବଲପୁର ଜିଲାରେ ଶୁକ୍ରବାର ୧୫୩ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ମହାନଗର ନିଗମ ଅଞ୍ଚଳର ୯୦ ଜଣ ରହିଥିବା ବେଳେ ଅନ୍ୟ ୬୩ ଜଣ ବ୍ଲକ ଅଞ୍ଚଳର। ସ୍ଥିତିକୁ ଦେଖି ଜିଲା ପ୍ରଶାସନ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଡାକବାଜି ଯନ୍ତ୍ରରେ ଲୋକମାନଙ୍କୁ ସଚେତନ କରିବା ସହ କଟକଣା ଉପରେ ସୂଚନା ଦିଆଯାଉଛି। ରାଜ୍ୟ ସରକାରଙ୍କ ନୂଆ ଗାଇଡ୍‌ଲାଇନ ଅନୁସାରେ ଶନିବାରଠାରୁ ଲାଗୁ କରାଯିବ। ପୁଣି ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରାଯାଇଛି। ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସନ୍ଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଲାଗୁ ହେବ। ସେହିପରି ଗ୍ରାମାଞ୍ଚଳରେ ଏହା ପୂର୍ବଭଳି ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଲାଗୁ ରହିବ। ଏହି ସମୟରେ ଜରୁରୀ ସେବାଗୁଡ଼ିକୁ ବାଦ ଦିଆଯାଇଛି। ଅନ୍ୟପକ୍ଷେ ଯୁଯୁମୁରା ହାଇସ୍କୁଲର ୨ ଶିକ୍ଷକ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହା ଜଣାପଡିବା ପରେ ଯୁଯୁମୁରା ମେଡିକାଲର ଏକ ଟିମ୍ ଯାଇ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ସଂଗ୍ରହ କରିଛି। ଅଗ୍ନିଶମ ବିଭାଗ ସ୍କୁଲକୁ ସାନିଟାଇଜ କରିଛି। ପ୍ରଧାନଶିକ୍ଷକ କୁଳମଣି ପ୍ରଧାନ କହିଛନ୍ତି, ଦୁଇ ଜଣ ଶିକ୍ଷକ ପ୍ରାୟ ୫ ଦିନ ହେଲା ସ୍କୁଲ ଆସୁ ନ ଥିଲେ। କାଶ ଓ ଥଣ୍ଡା ହେବାରୁ ସେମାନେ ଘରେ ଛୁଟିରେ ରହିଥିଲେ। କୋଭିଡ୍ ପରୀକ୍ଷା ପରେ ରିପୋର୍ଟ ପଜିଟିଭ୍ ଆସିଥିଲା। ତେଣୁ ସ୍କୁଲର ଅନ୍ୟ ଲୋକଙ୍କୁ ସଂକ୍ରମଣ ହେବା ଆଶା କମ୍। ତଥାପି ଶନିବାରଠାରୁ ସ୍କୁଲ ବନ୍ଦ କରିଦିଆଯାଇଛି।

# ନିଯୁକ୍ତି ଦାବିରେ ଗ୍ରାମବାସୀଙ୍କ ଧାରଣା


କୋଇଲା ଖଣି ପରିସରରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ଝାରସୁଗୁଡ଼ା ଅଫିସ,୧୬।୪**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଜକୁରା ଖୋଲାମୁହଁ କୋଇଲାଖଣି ଦ୍ୱାରା କ୍ଷତିଗ୍ରସ୍ତ ଛୁଆଲିବେର୍ଣ୍ଣା ଗ୍ରାମବାସୀ ନିଯୁକ୍ତି ଦାବିରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଖଣି ପରିସରରେ ଧାରଣା ଦେଇଛନ୍ତି। ଫଳରେ ଏମ୍‌ସିଏଲ୍‌ରେ କାର୍ଯ୍ୟରତ ନୀଳକଣ୍ଠ ମାଇନିଂ ନାମକ ଘରୋଇ ଠିକାସଂସ୍ଥାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଖବରପାଇ ବ୍ରଜରାଜନଗର ଥାନା ଆଇଆଇସି ନଳିତା ମୋଦି ଓ ଖଣି କର୍ତ୍ତୃପକ୍ଷ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ହେଲେ ଏଥିରେ କୌଣସି ସୁଫଳ ମିଳି ନ ଥିଲା । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଗୁଣମଣି ସାହୁ, ଭୂବନ ଭଇଁସାଲ, ଜୟରାମ ପ୍ରଧାନ, ଲଳିତ ମୋହନ ସାହୁ, ଭାଗୀରଥି ସାହୁ, ରାଜା ରଣା, ଆନନ୍ଦ ଖମାରୀ, ଝସକେତନ ବୁଡା, ବିନୋଦ ସା, ସୁନିତା ନକସିଆ, ଜୟ କୁମାରୀ ସାହୁ, ପ୍ରବୀଣା ସାହୁ ପ୍ରମୁଖ ସାମିଲ ହୋଇଛନ୍ତି। ସୂଚନା ଯୋଗ୍ୟ କ୍ଷତିପୂରଣ, ନିଯୁକ୍ତି ଆଦି ଦାବିନେଇ ଗ୍ରାମବାସୀ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରିଆସୁଛନ୍ତି। ଗତ ୧ତାରିଖରେ ଗ୍ରାମର କେତେଜଣ ଯୁବକଙ୍କୁ ନୀଳକଣ୍ଠ ମାଇନିଂ ଘରୋଇ ଠିକାସଂସ୍ଥାରେ ନିଯୁକ୍ତି ଦିଆଯାଇଛି । ଗ୍ରାମର ବାକି ଯୁବକମାନଙ୍କୁ ସମ୍ପୃକ୍ତ ଠିକାସଂସ୍ଥାରେ ନିଯୁକ୍ତି ଦେବାପାଇଁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା ପାଳନ କରି ନ ଥିବାରୁ ଗ୍ରାମବାସୀ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ। ଏହାକୁ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଶୁଣି ନ ଥିଲେ। ଫଳରେ ଗ୍ରାମବାସୀ ଆନ୍ଦୋଳନ ପାଇଁବାଧ୍ୟ ହୋଇଥିବା କହିଛନ୍ତି।

## ବଡ଼ଗାଁ ବ୍ଲକର ଆଉ ୨ ପଞ୍ଚାୟତ ଲକ୍‌ଡାଉନ

**ବଡ଼ଗାଁ, ୧୬।୪ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ସଂକ୍ରମଣ ହାର ବଢ଼ିଚାଲିଥିବାରୁ ଏହାର ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଲକ୍‌ଡାଉନ କରାଯାଉଛି। ବଡ଼ଗାଁ, ଇତମା, ଗୁଡାଲଗା ପଞ୍ଚାୟତ ଲକଡାଉନ ଘୋଷଣା ୩ ଦିନ ପାଇଁ କରାଯାଇଥିଲାବେଳେ ଆସନ୍ତା ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସାହାଜବାହାଲ ପଞ୍ଚାୟତ ଓ ୧୯ ତାରିଖ ଠାରୁ ୨୧ ତାରିଖ ରାତି ୮ଟା ପର୍ଯ୍ୟନ୍ତ ପାମରା ପଞ୍ଚାୟତକୁ ସମ୍ପୂର୍ଣ୍ଣ ଲକଡାଉନ ଘୋଷଣା କରାଯାଇଛି । ଏହି ୨ଟି ପଞ୍ଚାୟତର ସାହାଜବାହାଲ, ସଙ୍କରାପୋଷ, ପାମରା ଗ୍ରାମର ସାପ୍ତାହିକ ହାଟ ବନ୍ଦ ରହିବ। ତେବେ ବଡଗାଁ ବ୍ଲକ ଅନ୍ତର୍ଗତ ଗୁନଗାଁ ପଞ୍ଚାୟତ ଅଞ୍ଚଳରେ ମଧ୍ୟ କରୋନାର ପ୍ରକୋପ ଦେଖାଦେଇଥିବା ସୂଚନା ମିଳିଛି। କରୋନାର ଦ୍ୱିତୀୟ ଲହର ଜନଜୀବନକୁ ଗଭୀର ପ୍ରଭାବ ପକାଇଛି।

## ଆଇନଜୀବୀଙ୍କ ପରଲୋକ

**ସୁନ୍ଦରଗଡ ,୧୬ ।୪ (ଡି.ଏନ୍.ଏ)**

ସୁନ୍ଦରଗଡର ଜଣାଶୁଣା ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ନାଏକଙ୍କର ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସ୍ଥାନୀୟ ଭବାନୀଶଙ୍କର ହାଇସ୍କୁଲ ପାସ୍ ପରେ କଲିକତାରୁ ଆଇନ୍ ଡିଗ୍ରୀ ପାସପରେ ସୁନ୍ଦରଗଡଠାରେ ୧୯୬୮ରେ ଓକିଲାତି ଜୀବନ ଆରମ୍ଭ କରିଥିଲେ । ଦୀର୍ଘ ବର୍ଷ ଧରି ଓକିଲାତି କରି ବେଶ୍ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ଜିଲା ଓକିଲସଂଘ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଜିଲା ଓକିଲ ସଂଘ ସଭାପତି ସୁକାନ୍ତ ମହାପାତ୍ର, ସମ୍ପାଦକ ଅଶୋକ କୁମାର ସ୍ୱାଇଁ ଓ ସଦସ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ବିନା ମୂଲ୍ୟରେ ବିଜୁଳି ଯୋଗାଇବା ଦାବିରେ ଆପ୍‌ର ଧାରଣା


ଆପ୍ କର୍ମକର୍ତ୍ତା ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଛନ୍ତି।

**ସମ୍ବଲପୁର, ୧୬।୪ (ବ୍ୟୁରୋ)**

ମାସିକ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରୁଥିବା ପ୍ରତ୍ୟେକ ପରିବାରଙ୍କୁ ବିନା ମୂଲ୍ୟରେ ବିଜୁଳି ଯୋଗାଇବା ଦାବି ନେଇ ଶୁକ୍ରବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଧାରଣା ଦିଆଯାଇଥିଲା। ଓଡିଶା ରାଜ୍ୟରେ ବିଜୁଳି ଉତ୍ପାଦନ ହେଉଛି। କିନ୍ତୁ ପରିତାପର ବିଷୟ ରାଜ୍ୟବାସୀଙ୍କୁ ବିଜୁଳି ଯୋଗାଇବା ପରିବର୍ତ୍ତେ ଅନ୍ୟ ରାଜ୍ୟକୁ ବିକ୍ରି କରାଯାଉଛି। ଅପରପକ୍ଷେ ରାଜ୍ୟ ସରକାର ବିଜୁଳି ଦର ଆକାଶଛୁଆଁ ବୃଦ୍ଧି କରୁଛନ୍ତି। ଯଦ୍ୱାରା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତ। ତେଣୁ ରାଜ୍ୟ ସରକାର ବିନା ମୂଲ୍ୟରେ ବିଜୁଳି ଯୋଗାଇଦେବା ପାଇଁ ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ଦଳର ଜିଲା ସମ୍ପାଦକ ଭୂପେନ ସାହୁଙ୍କ ନେତୃତ୍ୱରେ ବୀରେନ୍ଦ୍ର ପାଣିଗ୍ରାହୀ, ଲୁଲମୁନି ଲୁଗୁନ, ରମଣୀ ପଟ୍ଟନାୟକ, ମେହେଫୁଜ୍ ଆଲାମ୍, ଫାରୁକ ରିଜଉଇ, ସୁଶାନ୍ତ ତ୍ରିପାଠୀ ଧାରଣାରେ ସାମିଲ ଥିଲେ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଦକ୍ଷତା ତାଲିମ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୬।୪ (ବ୍ୟୁରୋ)**

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଦକ୍ଷତା ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଲପଙ୍ଗାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୋମାଲୋଇ ସରପଞ୍ଚ ଶେଷଦେବ ପଧାନ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ଯୋଗଦେଇ ଆଦିତ୍ୟ ଆଲୁମିନିୟମ ପ୍ରକଳ୍ପ ସକ୍ଷମ ବିଷୟରେ ଓରାମପଡା ଓ ତଳିପଡାର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ବୁଝାଇଥିଲେ। ବୀରେନ୍ଦ୍ର ପଧାନ ବତକ ପାଳନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ସୂଚନାଯୋଗ୍ୟ ଯେ, ୨୦୧୯ ମସିହାଠାରୁ ଆଦିତ୍ୟ ଆଲୁମିନିୟମର ପ୍ରକଳ୍ପ ସକ୍ଷମ ଦ୍ୱାରା ୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ବିଭିନ୍ନ ସମୟରେ ପ୍ରଶିକ୍ଷଣ ଦିଆଯାଉଛି। ମହିଳାମାନଙ୍କୁ କୁକୁଡା, ବତକ, ଛେଳି, ଗାଈ ଓ ଘୁଷୁରୀ ପାଳନ ନିମନ୍ତେ ପ୍ରୋତ୍ସାହନ ଦିଆଯାଉଛି।



ତାଲିମ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳାମାନେ ।

# ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଲହୁଣୀପଡା, ୧୬।୪ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ସ୍ଥିତ ବାଙ୍କି ବନାଞ୍ଚଳ ନର୍ସରୀ ପରିସରରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିର ରାଜାମୁଣ୍ଡା ଫରେଷ୍ଟର ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଆମ ଜଙ୍ଗଲ ଯୋଜନା ଓ ପ୍ରାକୃତିକ ପୁନଃଜନନ ସମ୍ପର୍କରେ ବନସୁରକ୍ଷା ସମିତି ସ୍ତରୀୟ ପ୍ରଶିକ୍ଷଣ ଦିଆଯାଇଥିଲା। ବାଙ୍କି ରେଞ୍ଜ ଅଧିନସ୍ଥ ବିଭିନ୍ନ ଗ୍ରାମରେ ଥିବା ପ୍ରାୟ ୩୫ଟି ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ଆଇସିଡିଏସ ମିଶନଶକ୍ତିର ପ୍ରଜ୍ଞା ପରିମିତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସଜିୟୁପିର କର୍ମକର୍ତ୍ତା ପ୍ରସନ୍ନ କୁମାର ଦାସ, ମୃତ୍ତିକା ସଂରକ୍ଷଣ ବିଭାଗର ଶିବ ପ୍ରସାଦ ଦାସ, ଉଦ୍ୟାନ ବିଭାଗର ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମୃତ୍ତିକା ସଂରକ୍ଷଣ, ଜଳ ଅମଳ ପ୍ରକଳ୍ପ, ଆବଶ୍ୟକ ସ୍ଥଳେ ପଥର ବନ୍ଧେଇ, ଗ୍ରାମାଞ୍ଚଳରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ଓ ସାମୂହିକ ବିକାଶରେ ଏସ୍‌ଏଚଜିର ଭୂମିକା ଏବଂ ଉର୍ଣ୍ଣତ ପ୍ରଣାଳୀ ଫଳ ଓ ପୁଷ୍ପ ବଗିଚା କରି ଆତ୍ମନିର୍ଭରଶୀଳ ହେବା ପାଇଁ ସରକାରଙ୍କ ପକ୍ଷରୁ କି ଯୋଜନା ପ୍ରଚଳିତ ହୋଇଛି ଏବଂ ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯିବ ପ୍ରଭୃତି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ବନରକ୍ଷୀ ଦୀପକ କୁମାର ମଲ୍ଲିକ, ମାନସୀ ସାହୁ, ରତନ ମହାକୁଡ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।


ଶିବିରରେ ଯୋଗଦେଇଥିବା ବନ ସୁରକ୍ଷା ସମିତିର କର୍ମକର୍ତ୍ତା।

# କରୋନା ସଂକ୍ରମଣ ବୃଦ୍ଧି ଘଟାଇବା ଆଶଙ୍କା

**ଝାରସୁଗୁଡ଼ା ଅଫିସ,୧୬।୪**

ପଡୋଶୀ ଛତିଶଗଡ ରାଜ୍ୟରେ ବଢିଚାଲିଛି କରୋନା ସଂକ୍ରମଣ। ସୀମାନ୍ତବର୍ତ୍ତୀ ଓଡିଶାର ୧୦ ଜିଲାକୁ ଯେପରି ସଂକ୍ରମଣ ନ ବ୍ୟାପେ ସେ ନେଇ ଜିଲାପାଳମାନଙ୍କୁ ସତର୍କତା ଅବଲମ୍ବନ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଭଳିସ୍ଥିତିରେ ପଡୋଶୀ ଝାରସୁଗୁଡ଼ା ଜିଲା ପ୍ରଶାସନ ତରଫରୁ କନକତୋରା ନିକଟ ଛତିଶଗଡ ସୀମାକୁ ସିଲ୍ କରାଯାଇଛି। ଏଠାରେ ଏକ ଅସ୍ଥାୟୀ କ୍ୟାମ୍ପ କରାଯାଇ ପ୍ରଶାସନ ଓ ପୋଲିସ ଜଗିରହି ଯାନବାହନ ଯାଞ୍ଚ କରୁଛନ୍ତି। ଆଇଜି, ଏସ୍‌ପି, ଜିଲାପାଳ, ଉପଜିଲାପାଳ ପ୍ରମୁଖ ବାରମ୍ବାର ସୀମାନ୍ତ ଅଞ୍ଚଳ ଗସ୍ତ କରୁଛନ୍ତି। ସୀମାନ୍ତ ଅଞ୍ଚଳର କନକତୋରା, ଲରା ଓ ଏକତାଲ୍ ଆଦି କେତେକ ମୁଖ୍ୟରାସ୍ତାକୁ ପୋଲିସ୍ ସିଲ୍ କରିଛି। ଏହାପରେ ସୀମାନ୍ତରେ କେତେକ ଗାଁ, ଜଙ୍ଗଲ ଓ ଚାଷଜମି ଗଳିଆ ରାସ୍ତାରେ ଲୋକେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଏସବୁ ଗଳା ରାସ୍ତା ଉପରେ ପ୍ରଶାସନର ନଜର ନାହିଁ। ଫଳରେ ଉଭୟ ରାଜ୍ୟର ଲୋକେ ଅବାଧରେ ଯାତାୟାତ କରୁଛନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଛତିଶଗଡ ସରକାର ଗତ କିଛିଦିନ ହେଲା ମଦବିକ୍ରି ବନ୍ଦ କରିଛନ୍ତି। ଏହାର ସୁଯୋଗନେଇ କେତେକ ଅସାଧୁ ବ୍ୟବସାୟୀ ଓଡିଶାରୁ ଛତିଶଗଡକୁ ବେଆଇନ୍ ଭାବେ ମଦ ଚାଲାଣ କରୁଛନ୍ତି। ଛତିଶଗଡ ସୀମାନ୍ତ ଲୋକେ ପ୍ରତିଦିନ ମଦ ପିଇବାପାଇଁ ଓଡିଶା ସୀମାନ୍ତବର୍ତ୍ତୀ ଗ୍ରାମକୁ ଆସୁଛନ୍ତି। ତେଣୁ କେତେକ ସୀମାନ୍ତ ଗ୍ରାମରେ ଅବାଧରେ ମଦ ବିକ୍ରି ଚାଲିଛି। ଏହି ମଦ କେତେକ କୁଟିଆ ବ୍ୟବସାୟୀ କଣ୍ଢେଇକେଲା ସରକାରୀ ଲାଇସେନ୍ସ ପ୍ରାପ୍ତ ଦେଶୀଭାଟିରୁ ନେଇ ଗାଁ ଗାଁରେ ବିକ୍ରି କରୁଛନ୍ତି। ଏହିସବୁ ଗ୍ରାମକୁ ପ୍ରତିଦିନ ମଦ ପିଇବା ପାଇଁ ଛତିଶଗଡରୁ ଲୋକେ କାର୍, ବାଇକ୍ ଓ ସାଇକେଲ୍ ଯୋଗେ ଆସୁଛନ୍ତି। ଏଥିପାଇଁ କୁଟିଆ ଦୋକାନରେ ପ୍ରତିଦିନ ଭିଡ ଦେଖିବାକୁ ମିଳୁଛି। ଏଭଳି ସ୍ଥିତି ଦେଖାଦେଇଛି


ସୀମାନ୍ତକୁ ସଂଯୋଗ କରୁଥିବା ବିଜୁ ସେତୁରେ ଲୋକେ ଅବାଧରେ ଯାତାୟାତ କରୁଛନ୍ତି।

**ଛତିଶଗଡ ସୀମାରେ ଚୋରାମଦ କାରବାର**

ଲଖନପୁର ବ୍ଲକ୍ ସୀମାନ୍ତବର୍ତ୍ତୀ ୧୯ଖଣ୍ଡ ମୌଜା ସୁଖାଶୋଢା ଗ୍ରାମରେ। ଏହି ଗ୍ରାମରେ କେତେକ କୁଟିଆ ମଦ ଦୋକାନ ରହିଛି। କଣ୍ଢେଇକେଲା ମଦଭାଟିରୁ କୁଟିଆମାନେ ଏହି ମଦନେଇ ଗ୍ରାମରେ ବିକ୍ରି କରୁଛନ୍ତି। ପ୍ରତିଦିନ ଛତିଶଗଡରୁ ଶତାଧିକ ଲୋକ ଏଠାରେ ମଦ ପିଉଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ୍ ଚିରନିଦ୍ରାରେ ଶୋଇଛି। ସୀମାନ୍ତରେ ଏଭଳି ଅବାଧ ମଦବିକ୍ରି ଆଗାମୀ ଦିନରେ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ଘଟାଇବ ବୋଲି ଆଶଙ୍କା କରାଯାଉଛି। ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବେଲପାହାଡ ଅବକାରୀ ଇନ୍ସପେକ୍ଟର ବିନୟ ତିର୍କୀ କହିଛନ୍ତି, ଗତ ଗୁରୁବାର ସୁଖାଶୋଢା ଗ୍ରାମରେ ଚଢାଉ କରାଯାଇ ୨୦ଲିଟର ଦେଶୀମଦ ଜବତ କରାଯିବା ସହ ୨ଜଣ କୁଟିଆଙ୍କୁ ଗିରଫ କରାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଏପ୍ରିଲ ୧୭/୨୦୨୧ Sambalpur, Saturday, April 17/ 2021

# ପ୍ରଥମ ବିଜୟ ଆଶାରେ ହାଇଦ୍ରାବାଦ


ନେଟ୍ସରେ ଅଭ୍ୟାସ ଅବସରରେ ଜନି ବେୟାରଷ୍ଟୋ।

**ଚେନ୍ନାଇ,୧୬।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ନବମ ମ୍ୟାଚ୍‌ରେ ଡେଭିଡ୍ ୱାର୍ନରଙ୍କ ସନରାଇଜର୍ସ ହାଇଦ୍ରାବାଦ ଓ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଶନିବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ଦଳରେ ସନ୍ତୁଳନ ଆଣିବାକୁ ଚେଷ୍ଟା କରିବ। ଦୁଇଟି ମ୍ୟାଚ୍ ଖେଳି ହାଇଦ୍ରାବାଦ ଦୁଇଟିରେ ପରାଜୟ ବରଣ କରି ଚାପରେ ରହିଛି। ଅପରପକ୍ଷରେ ମୁମ୍ବାଇ ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ବରଣ କରିଛି।

ଚେନ୍ନାଇର ଏହି ଟ୍ରାକ୍‌ରେ ହାଇଦ୍ରାବାଦ ୧୫୦ ରନର ଟାର୍ଗେଟ୍‌କୁ ଚେଜ୍ କରିବାରେ ବିଫଳ ହୋଇଥିଲା। ହାଇଦ୍ରାବାଦ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୧୫୦ ରନ ଚେଜ୍ କରି ନ ପାରି ବାଙ୍ଗାଲୋରଠାରୁ ୬ ରନରେ ପରାସ୍ତ ହୋଇଥିଲା। ସେହିପରି ପ୍ରଥମ ମ୍ୟାଚ୍‌ରେ ୧୮୮ ରନର ପିଛା କରି କୋଲକାତାଠାରୁ ୧୦ ରନରେ ପରାସ୍ତ ହୋଇଥିଲା। ତେଣୁ ଚେଜ୍ କରିବା ଏବେ ହାଇଦ୍ରାବାଦ ପାଇଁ ସମସ୍ୟା ସୃଷ୍ଟି କରିଛି। ଦଳରେ ସାମର୍ଥ୍ୟ ଓ ଗଭୀରତା ନାହିଁ ଓ ବେଞ୍ଚ୍ ଷ୍ଟ୍ରେନ୍ଥ ମଧ୍ୟ ଭଲ ନାହିଁ ବୋଲି କୁହାଯାଇପାରେ। ଏପରି ସ୍ଥଳେ ମୁମ୍ବାଇ ଭଳି ଶକ୍ତିଶାଳୀ ଦଳକୁ ଭେଟିବା ଦଳ ପାଇଁ ଏକ ବଡ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଅନ୍ତିମ ଦଳ ଚୟନ ନେଇ ଅଧିନାୟକ ୱାର୍ନରଙ୍କ ସମ୍ମୁଖରେ କେତୋଟି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ତିମ ଦଳ ଚୟନରେ ହାଇଦ୍ରାବାଦ ସେତେଟା ପରିପକ୍ୱତା ପ୍ରଦର୍ଶନ କରିନାହିଁ ବୋଲି କେତେକ ଭାବୁଛନ୍ତି। ଦୁଇ ଉଇକେଟକିପର ଜନି ବେୟାରଷ୍ଟୋ ଓ ରିଦ୍ଧିମାନ ଶାହାଙ୍କୁ ଏକାଠି ଖେଳାଇବାର ଅର୍ଥ କିଛି ନାହିଁ। ପୁଣି ରିଦ୍ଧିମାନ ଓପନର ଭାବେ ବିଫଳ ହୋଇଛନ୍ତି। ୨୦୦୮ରୁ ପ୍ରଥମ ସଂସ୍କରଣରୁ ଆଇପିଏଲ୍ ଖେଳୁଥିଲେ ମଧ୍ୟ ରିଦ୍ଧିମାନ ରନ ସଂଗ୍ରହରେ ଆଦୌ ସ୍ଥିରତା ପ୍ରଦର୍ଶନ କରିନାହାନ୍ତି। ସେପଟେ ପ୍ରିୟମ ଗର୍ଗ ଓ ଅଭିଷେକ ଶର୍ମାଙ୍କ ଭଳି ଯୁବ ବ୍ୟାଟ୍ସମ୍ୟାନ ଓ ଅଭିଜ୍ଞ କେଦାର ଯାଦବ ଡଗ୍ ଆଉଟ୍‌ରେ ବସିଛନ୍ତି। ତେଣୁ ଦଳରେ ଶାହାଙ୍କ ଭୂମିକା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। କେଦାର ଓ ଅଭିଷେକ ଅଫ୍ ବ୍ରେକ୍ ବୋଲିଂ କରିବାର କ୍ଷମତା ରଖନ୍ତି। ବିଦେଶୀ ଖେଳାଳିଙ୍କ ମଧ୍ୟରେ ୱାର୍ନର ଓ ରସିଦ ଖାଁ ଖେଳିବା ନିଶ୍ଚିତ ମନେହେଉଛି। ସେହିପରି ଫିଟ୍‌ନେସ୍ ହାସଲ କରିଥିବା କେନ୍ ୱିଲିୟମସନ ଖେଳିବା ନିଶ୍ଚିତ। ସ୍ପିନ୍ ବୋଲିଂକୁ ଖେଳିବାରେ ୱିଲିୟମସନ ସିଦ୍ଧହସ୍ତ। ସେହିପରି ମନୀଷ ପାଣ୍ଡେ ଓ ଅବଦୁଲ ସମାଦ ବାଙ୍ଗାଲୋର ବାମହାତୀ ସ୍ପିନର ଶାହାବାଜ ଅହମଦଙ୍କ ବୋଲିଂ କ୍ରସ୍- ବ୍ୟାଟେଡ୍ ଶଟ୍ ଖେଳି ୱାର୍ନରଙ୍କୁ ଖୁସି କରିଛନ୍ତି। ପାଣ୍ଡେ ଇତିମଧ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡିଛନ୍ତି। ତେଣୁ ଏତେ ଶୀଘ୍ର ଭାରତୀୟ ଦଳରେ ସେ ସ୍ଥାନ ହାସଲ କରିବାକୁ ଯାଉ ନ ଥିବା ବେଳେ ଏବେ ହାଇଦ୍ରାବାଦ ପାଇଁ ମ୍ୟାଚ୍ ଫିନିଶର ଭୂମିକା ନିଭାଇବାକୁ ପ୍ରୟାସ କରିବେ। ଆଇପିଏଲ ଏବେ ତାଙ୍କୁ ନିଜ ତ୍ରୁଟି ସୁଧାରିବାକୁ ଓ ନିଜର ଦକ୍ଷତା ପ୍ରମାଣ କରିବାକୁ ସୁଯୋଗ ସୃଷ୍ଟି କରିଛି। ୩୦୦୦ ଆଇପିଏଲ୍ ରନ ସଂଗ୍ରହ କରିବାରେ ସେ ଅତ୍ୟନ୍ତ ମନ୍ଥରତା ଅବଲମ୍ବନ କରିଛନ୍ତି। ଚିପକ ଷ୍ଟାଡିୟମରେ ଲେଟ୍ ଖେଳିବା ଓ କ୍ରିଜ୍‌ର ଡେପ୍‌ଥରୁ ଫାଇଦା ଉଠାଇବାର ଆବଶ୍ୟକତା ରହିଛି। ୱିଲିୟମସନ ଏହା ଅବଶ୍ୟ କରି ଦେଖାଇଛନ୍ତି। ବୋଲିଂରେ ଟି. ନଟରାଜନ ଗତ ସଂସ୍କରଣ ଭଳି ଫର୍ମରେ ନାହାନ୍ତି। ଭୁବନେଶ୍ୱର କୁମାର ମଧ୍ୟ ବ୍ୟୟବହୁଳ

## ଆଇପିଏଲ୍- ୧୪

ସାବ୍ୟସ୍ତ ହୋଇଛନ୍ତି। ସନ୍ଦୀପ ଶର୍ମା ଓ ସିଦ୍ଧାର୍ଥ କାଉଲ ବିକଳ୍ପ ସୃଷ୍ଟି କରିଥିଲେ ମଧ୍ୟ ମୁମ୍ବାଇର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌କୁ ସେତେଟା ସମସ୍ୟାରେ ପକାଇବେ ନାହିଁ ବୋଲି ମନେହେଉଛି।

ରୋହିତ ଶର୍ମା, କ୍ୱିଣ୍ଟନ ଡିକକ, ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନଙ୍କୁ ନେଇ ମୁମ୍ବାଇ ଟପ୍ ଅର୍ଡର ବେଶ୍ ଶକ୍ତିଶାଳୀ ମନେହେଉଛି। ମୁମ୍ବାଇ ତା'ର ପ୍ରଥମ ମ୍ୟାଚରେ ବାଙ୍ଗାଲୋରଠାରୁ ୨ ରନରେ ପରାସ୍ତ ହୋଇଥିଲା। ତେବେ ଦ୍ୱିତୀୟ ମୁକାବିଲାରେ ମୁମ୍ବାଇ କୋଲକାତାକୁ ୧୦ ରନରେ ହରାଇଥିଲା। ଏହି ବିଜୟ ପରେ ମୁମ୍ବାଇ ତା'ର ଦଳରେ ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। ତେବେ ପର୍ଯ୍ୟାପ୍ତ ବିକଳ୍ପ ଥିବାରୁ ମୁମ୍ବାଇ ବ୍ୟାଟିଂ ଲାଇନଅପ୍‌ରେ ସାମାନ୍ୟ ପରିବର୍ତ୍ତନ କରିପାରେ।

**ମୁମ୍ବାଇ ଇଣ୍ଡିଆନ୍ସ ଦଳ:** ରୋହିତ ଶର୍ମା (ଅଧିନାୟକ), ଆଦିତ୍ୟ ତାରେ, ଅନମୋଲପ୍ରୀତ ସିଂ, ଧବଳ କୁଲକର୍ଣ୍ଣୀ, ହାର୍ଦ୍ଦିକ ପାଣ୍ଡ୍ୟା, ଇଶାନ କିଷନ, ଯଶପ୍ରୀତ ବୁମ୍‌ରା, ଜୟନ୍ତ ଯାଦବ, କିରନ ପୋଲାର୍ଡ, କ୍ରୁନାଲ ପାଣ୍ଡ୍ୟା, କ୍ୱିଣ୍ଟନ ଡିକକ୍, ରାହୁଲ ଚହର, ସୂର୍ଯ୍ୟକୁମାର ଯାଦବ, ଟ୍ରେଣ୍ଟ ବୋଲ୍ଟ, କ୍ରିସ ଲିନ୍, ସୌରଭ ତିୱାରୀ, ମୋହସିନ ଖାଁ, ଆଡମ ମିଲନେ, ନାଥନ କୁଲଟର ନାଇଲ, ପୀୟୁଷ ଚାୱଲା, ମାର୍କ ଜନସନ, ଯୁଧବୀର ସିଂ, ଜେମ୍ସ ନିଶାମ ଓ ଅର୍ଜୁନ ତେନ୍ଦୁଲକର।

**ସନରାଇଜର୍ସ ହାଇଦ୍ରାବାଦ ଦଳ:** ଡେଭିଡ ୱାର୍ନର (ଅଧିନାୟକ), କେନ୍ ୱିଲିୟମସନ, ବିରାଟ ସିଂ, ମନୀଷ ପାଣ୍ଡେ, ପ୍ରିୟମ ଗର୍ଗ, ରିଦ୍ଧିମାନ ଶାହ, ଜନି ବେୟାରଷ୍ଟୋ, ଜାସନ ରୟ, ଶ୍ରୀବତ୍ସ ଗୋସ୍ୱାମୀ, ବିଜୟ ଶଙ୍କର, ମହମ୍ମଦ ନବି, କେଦାର ଯାଦବ, ଜେ. ସୁଚିତ, ଜାସନ ହୋଲ୍ଡର, ଅଭିଷେକ ଶର୍ମା, ରସିଦ ଖାଁ, ଟି. ନଟରାଜନ, ସନ୍ଦୀପ ଶର୍ମା, ଖଲିଲ ଅହମ୍ମଦ, ସିଦ୍ଧାର୍ଥ କାଉଲ, ବାସିଲ ଥମ୍ପି, ଶାହାବାଜ ନଦିମ ଓ ମୁଜିବ- ଉର ରହମାନ।

# ଇମିଲିଆ-ରେମାଗ୍ନା ଗ୍ରାଁପ୍ରି: ବୋଟାସ ଦ୍ରୁତତମ

**ଇମୋଲା (ଇଟାଲୀ), ୧୬।୪ (ଏପି):** ଇମିଲିଆ-ରେମାଗ୍ନା ଗ୍ରାଁପ୍ରି ପାଇଁ ଶୁକ୍ରବାର ଅନୁଷ୍ଠିତ ଦୁଇଟି ପ୍ରାକ୍ଟିସ ସେସନରେ ମର୍ସିଡିଜ୍ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସିଜନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରେଡ୍‌ବୁଲ୍ ପାଇଁ ଏହା ସମସ୍ୟା ସୃଷ୍ଟି କରିଛି। ଦୁଇଟି ଯାକ ପ୍ରାକ୍ଟିସ ସେସନରେ ଦ୍ରୁତତମ ବିବେଚିତ ଭାଲଟେରି ବୋଟାସ ପ୍ରଥମ ରେସ୍‌ରେ ଲୁଇସ୍ ହାମିଲଟନଙ୍କଠାରୁ .୦୪୧ ଏବଂ ଦ୍ୱିତୀୟ ରେସ୍‌ରେ ମାତ୍ର .୦୧୦ ସେକେଣ୍ଡ ପଛରେ ରହିଥିଲେ। ଦ୍ୱିତୀୟ ପ୍ରାକ୍ଟିସ ସେସନରେ ଆଲଫା ଟାଉରିର ପିଏରେ ଗାସ୍‌ଲୀ ବୋଟାସଙ୍କଠାରୁ ୦.୭୮ ସେକେଣ୍ଡ ଟାଇମ ପଛରେ ରେସ୍ ଶେଷ କରିଥିଲେ। ପ୍ରଥମ ପ୍ରାକ୍ଟିସ ସେସନରେ ବୋଟାସ ତୃତୀୟ ସ୍ଥାନ ଅଧିକାର କରିଥିବା ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କଠାରୁ .୦୫୮ ସେକେଣ୍ଡ ଆଗରେ ରହିଥିଲେ। ଆଲପାଇନ୍‌ର ଇଷ୍ଟବାନ୍ ଓକୋନ ଓ ରେଡ୍‌ବୁଲ୍‌ର ସର୍ଗିଓ ପେରେଜଙ୍କ କାର ମଧ୍ୟରେ ଦୁର୍ଘଟଣା ଯୋଗୁ ରେସ୍‌କୁ ପ୍ରଥମ ଥର ୨୨ ମିନିଟ ସ୍ଥଗିତ ରଖାଯାଇଥିଲା।




# ଆକ୍ରମଣାତ୍ମକ ବିଭାଗ ସୁଧାରିବା ଲକ୍ଷ୍ୟରେ ଗୋଆ

**ମାର୍ଗାଓ, ୧୬।୪(ପି.ଟି.)**

ଏଏଫସି ଚାମ୍ପିୟନ୍ସ ଲିଗ୍‌ରେ ନିଜ ପ୍ରଥମ ମ୍ୟାଚରେ ଐତିହାସିକ ପଏଣ୍ଟଲାଭ କରିଥିବା ଏଫ୍‌ସି ଗୋଆ ଶନିବାର ଦ୍ୱିତୀୟ ମ୍ୟାଚରେ ୟୁଏଇର ଅଲ୍ ୱାଦା ଦଳକୁ ଭେଟିବ। ପ୍ରଥଭ ଭାରତୀୟ ଦଳଭାବେ ଗୋଆ ଏଏଫସି ଚାମ୍ପିୟନ୍ସ ଲିଗ୍‌ରେ ପଏଣ୍ଟ ହାସଲ କରିଥିଲା। କାତାରର ଅଲ୍ ରାୟାନ ଦଳ ବିପକ୍ଷରେ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖି ଗୋଆ ଏହି ସଫଳତା ପାଇଥିଲା। ପ୍ରଥମ ମ୍ୟାଚ ଫଳାଫଳକୁ ନେଇ ଦେଇଥିଲା। କେବଳ ସେତିକି ନୁହେଁ ଦଳର ରକ୍ଷଣଭାଗ ଚମତ୍କାର ପ୍ରଦର୍ଶନ କରି ଗୋଲ ହେବାକୁ ଦେଇ ନ ଥିଲା। ଏହି ମ୍ୟାଚରେ ଦଳ ଖୁବ୍ କମ୍‌ଥର ଗୋଲ ଦେବା ସୁଯୋଗ ସୃଷ୍ଟି କରିଥିଲା। ତେଣୁ ଆକ୍ରମଣାତ୍ମକ ବିଭାଗକୁ ସୁଧାରି ଗୋଆ ବିଜୟ ଲକ୍ଷ୍ୟରେ ଖେଳିବ ବୋଲି ଫେରାଣ୍ଡୋ ଆଶା ରଖିଛନ୍ତି। ''ଆମେ ଗତ ମ୍ୟାଚରେ ଗୋଟିଏ ପଏଣ୍ଟ ହାସଲ କରିଥିଲୁ। ଆସନ୍ତା ମ୍ୟାଚରେ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବୁ। ଆକ୍ରମଣକୁ ନିୟନ୍ତ୍ରଣରେ ରଖିବା ଗୁରୁତ୍ୱପୂର୍ଣ୍ଣ। ଆମ ଦଳ ଗୋଟିଏ ୟୁନିଟରେ ଖେଳି ବିଜୟ ଉପରେ ଫୋକସ କରୁଛି। ଦଳର ଡିଫେନ୍ସ ବିଭାଗ ଖେଳରେ ମୁଁ ବହୁତ ଖୁସି। ଆକ୍ରମଣାତ୍ମକ ବିଭାଗ ମଧ୍ୟ ସେପରି ଖେଳିବା ଆବଶ୍ୟକ'' ବୋଲି ଫେରାଣ୍ଡୋ କହିଛନ୍ତି। ଅଲ୍ ୱାଦା ଦଳର ଆକ୍ରମଣାତ୍ମକ ବିଭାଗ

## ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍

ଖୁବ୍ ଶକ୍ତିଶାଳୀ। ତେଣୁ ଆମେ ବଲ୍‌କୁ ଯେତେ ଅଧିକ ସମୟ ନିଜ ପାଖରେ ରଖି ପାରିବୁ ସେତେ ଭଲ ହେବ ବୋଲି ସେ କହିଛନ୍ତି। ସେଣ୍ଟର ବ୍ୟାକ୍ ଗୋଞ୍ଜାଲେଜ, ଅଧିନାୟକ ଇଡୁ ବେଡିଆ, ଜର୍ଜ ଓର୍ଟିଜ୍ ଏବଂ ଇଶାନ ପଣ୍ଡିତ ଦକ୍ଷତା ଅନୁସାରେ ଖେଳିବେ ବୋଲି


ଶୁକ୍ରବାର ଏଫ୍‌ସି ଗୋଆ ଖେଳାଳିଙ୍କ ଅଭ୍ୟାସ।

ମନୋବଳ ଦୃଢ଼ କରିଥିବା ଜୁଆନ ଫେରାଣ୍ଡୋଙ୍କ ଦଳ ଅଲ୍ ୱାଦା ବିପକ୍ଷରେ ପୂରା ୩ ପଏଣ୍ଟ ହାସଲ ଆଶାରେ ରହିଛି। ଏଥିପାଇଁ ଦଳ ଆକ୍ରମଣାତ୍ମକ ବିଭାଗରେ ସୁଧାର ଆଣିବାକୁ ଲକ୍ଷ୍ୟ ରଖିଛି।

ଆବୁଧାବି ଭିତ୍ତିକ ଦଳ ଅଲ୍ ରାୟାନ ପୂର୍ବରୁ ୧୨ ଥର ଏଏଫସି ଚାମ୍ପିୟନ୍ସ ଲିଗ୍‌ରେ ଖେଳିବା ଅଭିଜ୍ଞତା ରଖିଥିଲା। ତେଣୁ ଏହି ଦଳ ଅଭିଜ୍ଞତାକୁ ଉପଯୋଗ କରି ଆଧିପତ୍ୟ ବିସ୍ତାର କରିବାକୁ ଉଦ୍ୟମ କରିଥିବାବେଳେ ଏଫ୍‌ସି ଗୋଆ କଡ଼ା ଟକ୍କର ସେ ଆଶା ରଖିଛନ୍ତି। ଚଳିତ ଲିଗ୍‌ରେ ଅଲ୍ ୱାଦା ନିଜର ପ୍ରଥମ ମ୍ୟାଚରେ ପେର୍ସେପୋଲିସଠାରୁ ୦-୧ ଗୋଲରେ ପରାଜିତ ହୋଇଛି। ତେଣୁ ଆଗାମୀ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେବ ବୋଲି କୋଚ୍ ପୂର୍ବାନୁମାନ କରିଛନ୍ତି। ଅଧିନାୟକ ତଥା ଭେଟେରାନ ୟୁଏଇ ଇଣ୍ଟରନ୍ୟାଶନାଲ ଇସମାଇଲ ମାତାରଙ୍କ ପ୍ରତ୍ୟାବର୍ତ୍ତନରେ ଅଲ୍ ୱାଦାର ଶକ୍ତି ବୃଦ୍ଧି ପାଇଛି। ଟିମ୍ ମାଟାଜ ଏବଂ ଖଲିଲ ଅଲ୍ ହାମ୍ମାଦି ଦଳର ଆକ୍ରମଣାତ୍ମକ ବିଭାଗ ନେତୃତ୍ୱ ନେଉଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ମଦ ଜବତ, ୩ ଗିରଫ

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ସିଙ୍ଗାରୀ ନିକଟ ଏକ ଢ଼ାବାରେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ୭.୧୯୦ ଲିଟର ବିଦେଶୀ ମଦ ସହ ୨୪୬ ଲିଟର ବିଅର ଜବତ ହୋଇଛି। ଏହି ଘଟଣାରେ ପପୁନ ବାଘ (୧୮)ଙ୍କୁ ଗିରଫ କରାଯାଇଛି। ସେହିପରି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରି ବାବୁଲା ମହାନନ୍ଦିଆ (୩୫) ଏବଂ ସଚ୍ଚି ବଗର୍ତ୍ତି (୨୭)ଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ଠାରୁ ୧୦ ଲିଟର ଲେଖାଏଁ ଦେଶୀ ମଦ ଜବତ ହୋଇଛି। ଅବକାରୀ ଉପନିରୀକ୍ଷକ ରମେଶ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

**ସଂକ୍ଷେପରେ**

## ଗଞ୍ଜେଇ ଜବତ, ଜଣେ ଗିରଫ

ବରଗଡ଼ ଅଫିସ୍,୧୬।୪: ବରଗଡ଼ ଜିଲା ଅବକାରୀ ବିଭାଗ ଶୁକ୍ରବାର ସକାଳେ ଅମ୍ବାଭୋନା ଥାନା ତେଲିପାଲି ଗ୍ରାମରେ ଚଢ଼ାଉ କରି ୧୫ କି.ଗ୍ରା ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ କୃପାରାମ ସୁନାଙ୍କୁ ଗିରଫ କରି ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା।

## ନୂତନ କ୍ୟାମ୍ପ କମିଟି ଚୟନ

ଜାମଟିକ୍ରା, ୧୬।୪ (ଡି.ଏନ.ଏ): ବରଗଡ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଶୁକ୍ରବାର ଲରମ୍ବା କଲେଜର ନୂତନ କ୍ୟାମ୍ପ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ରୋନକ ଅଗ୍ରୱାଲ, ଉପସଭାପତି ପୁଷ୍ପା ଭୁସାଗର, ସମ୍ପାଦକ ଅଭିଷେକ ଜେନା ଓ ସହ ସମ୍ପାଦିକା ଭାବେ ବୀଣାପାଣି କରଙ୍କୁ ଚୟନ କରାଯାଇଛି। ସମ୍ବଲପୁର ବିଭାଗ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା, ଜିଲା ମିଡିଆ ପ୍ରମୁଖ ଅସୀମ ମିଶ୍ର ଓ ଜିଲା ଏସ୍ଏଫ୍ଏସ୍ ପ୍ରମୁଖ ଶ୍ରବଣ ପରିଚ୍ଛା ଏଥିରେ ଉପସ୍ଥିତ ଥିଲେ ।

## କୁଲତା ସମାଜ ବୈଠକ

ଜହ୍ନାପଙ୍କ, ୧୬।୪ (ଡି.ଏନ.ଏ): ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତର ଗୋଛାପଡା ଶୈବ ପୀଠରେ କଳାପଥର ଆଞ୍ଚଳିକ କୁଲତା ସମାଜର ବାର୍ଷିକ ସାଧାରଣ ବୈଠକ ସଭାପତି ସୁନୀଲ ବାରିକଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମାଜର ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଭୁବନେଶ୍ୱରଙ୍କ ଜଳାଭିଷେକ କରାଯାଇଥିଲା। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମାଜ କିପରି ସଂସ୍କାରିତ, ଶୃଙ୍ଖଳିତ ହେବ ଏବଂ ଏହାର ସୁପରିଚାଳନା ପାଇଁ ନବୀନ ପ୍ରଧାନ ଓ ମନୋରଞ୍ଜନ ବାରିକ, ଜିଲା କୋଷାଧକ୍ଷ ଦାଶରଥି ବାରିକ ବକ୍ତବ୍ୟ ରଖିଥିଲେ। ବୈଠକରେ କଳାପଥର ଆଞ୍ଚଳିକ କୁଲତା ସମାଜର ସଭ୍ୟାସଭ୍ୟ ଯୋଗଦେଇଥିଲେ। ସହ ସମ୍ପାଦକ ଗୋବିନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମ୍ପାଦକ ମଧୁସୂଦନ ନାଏକ, ସଭ୍ୟ ନବୀନ କୁମାର ପ୍ରଧାନ, ମନୋରଞ୍ଜନ ବାରିକ, ଭୁବନ ପ୍ରଧାନ, ଖେଡୁ ପ୍ରଧାନ, ସାଗର ପ୍ରଧାନ, ମଧୁ ପ୍ରଧାନ, ଫକୀର ମୋହର ପ୍ରଧାନ, ଧ୍ରୁବ ନାଏକ ଓ ମଙ୍ଗୁଲୁ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

ଜହ୍ନାପଙ୍କ, ୧୬।୪ (ଡି.ଏନ.ଏ): ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ସଭା ଗୃହରେ ସ୍ୱଚ୍ଛ ଭାରତ ମିଶନ-୨ ଆନୁକୂଲ୍ୟରେ ଶୁକ୍ରବାର ଗ୍ରାମପଞ୍ଚାୟତସ୍ତରୀୟ ଗ୍ରାମ୍ୟ ଯୋଜନା କାର୍ଯ୍ୟକ୍ରମ ମାଧମରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଲସି ଆର୍ତ୍ତତ୍ରାଣ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ବୌଦ୍ଧ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବେହେରା ଓ ବୌଦ୍ଧ ବ୍ଲକ ବିଆର୍ସି ଜଗନ୍ନାଥ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ମାଷ୍ଟର ଟ୍ରେନର ଭାବେ ରଞ୍ଜନ କୁମାର ପାତ୍ର ଯୋଗଦେଇ ଉପସ୍ଥିତ ସମସ୍ତ ଅଙ୍ଗନୱାଡି, ଆଶା ଓ ୱାର୍ଡ ସଭ୍ୟାସଭ୍ୟଙ୍କୁ ତାଲିମ ଦେଇଥିଲେ। ସ୍ୱଚ୍ଛ ଭାରତ ମିଶନର ମୋଟିଭେଟର ସୁମନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଆ ଭାଷା ଗବେଷକଙ୍କ ପରଲୋକ

ଅତାବିରା,୧୬।୪(ଡି.ଏନ.ଏ): ଅତାବିରା ବ୍ଲକ ଲରମ୍ବା ମହାବିଦ୍ୟାଳୟର



ପୂର୍ବତନ ଅଧାପକ ତଥା ଓଡିଆ ଭାଷା ଗବେଷକ ଜନାର୍ଦ୍ଦନ ପାଣିଗ୍ରାହୀଙ୍କ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି । ସେ ଡ. ପୂର୍ଣ୍ଣାନନ୍ଦ ଦାନୀଙ୍କ ଗଳ୍ପ ଉପରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍ଡି ପାଇଥିଲେ। ଡ. ପାଣିଗ୍ରାହୀ ପ୍ରଥମେ ଚିପିଲିମା କଲେଜରେ ଓଡିଆ ଅଧାପକ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ପରେ ଅତାବିରା ଓ ଲରମ୍ବା ମହାବିଦ୍ୟାଳୟରେ ଯୋଗଦାନ କରି ୨୦୧୬ ଅକ୍ଟୋବର ମାସରେ ଅବସର ନେଇଥିଲେ । ତାଙ୍କ ବିୟୋଗରେ ଓଡିଆ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ବୋଲି ପ୍ରାଧାପକ ଅମୃତା ସାମନ୍ତ, ଡ. ଅଜିତ କୁମାର ନାଥ, ଡ. ପୁଷ୍ପ କୁମାର ମେହେର, ସଂଘମିତ୍ରା ମହାକୁର, ଲରମ୍ବା କଲେଜ ଅଧକ୍ଷ ଡ. ପ୍ରମୋଦ କୁମାର ଭୋଇ ପ୍ରମୁଖ କହିଛନ୍ତି ।

# ନିଷ୍ପତ୍ତିକୁ ବିତିଲା ୩ ବର୍ଷ, ହେଉନି କାର୍ଯ୍ୟକାରୀ

ସୋନପୁର,୧୬।୪(ନି.ପ୍ର.)

**ଓଡ଼ିଆରେ ନାମଫଳକ**

ସରକାରୀ ହେଉ କି ବେସରକାରୀ ସମସ୍ତ କାର୍ଯ୍ୟାଳୟ, ଅନୁଷ୍ଠାନ ଏବଂ ପ୍ରତିଷ୍ଠାନରେ ଓଡ଼ିଆରେ ଲେଖାଯିବ ନାମଫଳକ। ଏହା ବାଧ୍ୟତାମୂଳକ ହେବ। ଯେଉଁମାନେ ନିୟମ ଅନୁପାଳନ ନ କରିବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଇତିମଧ୍ୟରେ ୩ ବର୍ଷ ବିତିଗଲାଣି । କିନ୍ତୁ ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଠିକ ଭାବେ କାର୍ଯ୍ୟକାରୀ କରି ପାରି ନ ଥିବା ଅଭିଯୋଗ ହୋଇଛି।

ଓଡ଼ିଆ ଭାଷାର ବିକାଶ ତଥା ଗୁରୁତ୍ୱ ବଢାଇବା ଉଦ୍ଦେଶ୍ୟରେ ୨୦୧୮ ମସିହାରେ ରାଜ୍ୟ ସରକାର ଓଡ଼ିଆ ଭାଷା ଆଇନକୁ କାର୍ଯ୍ୟକାରୀ କରିବା ସହ ଏହାର ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା କରିଥିଲେ। ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଇବାକୁ ସମସ୍ତ ଜିଲାପାଳମାନଙ୍କୁ ମଧ ନିର୍ଦ୍ଦେଶ ଦିଆ ଯାଇଥିଲା। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ବ୍ୟାଙ୍କ ଆଦିରେ ନାମଫଳକ ଓଡିଆ ଭାଷାରେ ଲେଖିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ମାଧମରେ ସଚେତନ କରା ଯାଇଥିଲା। ତେବେ ୩ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ ଜିଲା ପ୍ରଶାସନର ଏହି ନିଷ୍ପତ୍ତି ଶୀତଳଭଣ୍ଡାରରେ ପଡିରହିଛି। ଫଳରେ ଗ୍ରାମାଞ୍ଚଳରୁ ଜିଲା ସଦର ମହକୁମାକୁ ବିଭିନ୍ନ କାମରେ ଆସୁଥିବା ଲୋକେ ଇଂରାଜୀ ଜାଣି ନ ଥିଲେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜନସାଧାରଣ ସୁବିଧାରେ ତଥା ବିନା ଦ୍ୱିଧାରେ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ପହଞ୍ଚିବା ପାଇଁ ଓଡିଆରେ ନାମଫଳକ ବାଧ୍ୟତାମୂଳକ ନେଇ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ତେବେ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରିନି ବୋଲି ଯୁବ ଆଇନଜୀବୀ ରଶ୍ମିରଞ୍ଜନ ଦାସ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ ତୁରନ୍ତ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାସ ଦାବି କରିଛନ୍ତି ।

ସୂଚନାଯୋଗ୍ୟ, ୨୦୧୮ ଏପ୍ରିଲ ୨୮ରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ତତ୍କାଳୀନ ଜିଲାପାଳଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବୈଠକରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ଓଡିଆ ଭାଷାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ସରକାରୀ ପଦକ୍ଷେପ ବିଷୟରେ କହିଥିଲେ। ୧୫ ଦିନ ମଧ୍ୟରେ ଜିଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ବ୍ୟବସାୟିତ ପ୍ରତିଷ୍ଠାନରେ ଓଡ଼ିଆ ନାମ ଫଳକ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା। ଏପରିକି ଉକ୍ତ କାର୍ଯ୍ୟ ତଦାରଖ ପାଇଁ ଏକ କମିଟି ଗଠନ କରା ଯାଇଥିଲା। ଜିଲାବାସୀ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଉକ୍ତ ବୈଠକରେ ଜିଲାର ବରିଷ୍ଠ ଅଧିକାରୀ ଓ ଜିଲା ବ୍ୟବସାୟୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। କିନ୍ତୁ ସବୁ ନିଷ୍ପତ୍ତି କୋମାରେ ରହିଛି।

# ପରମ୍ପରାଗତ କୃଷି ବିକାଶ ଯୋଜନାରୁ ସୁଫଳ



ପରମ୍ପରାଗତ କୃଷି ବିକାଶ ଯୋଜନାରେ ଏକ ପରିବହନ ଗାଡ଼ିର ଶୁଭାରମ୍ଭ କରାଯାଉଛି।

ବରଗଡ଼ ଅଫିସ୍,୧୬।୪

ବରଗଡ଼ ଜିଲା ଗାଇସିଲେଟ ବ୍ଲକ କୃଷି କାର୍ଯ୍ୟାଳୟରେ ଶୁକ୍ରବାର ପରମ୍ପରାଗତ କୃଷି ବିକାଶ ଯୋଜନାରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଉକ୍ତ ବ୍ଲକର ବରିହାପୋଖପାଣି, ସେମେଲମୁଣ୍ଡା, କମଳାପଦର ଗ୍ରାମରେ ନିଆଯାଇଥିବା ୪ଟି କ୍ଲଷ୍ଟରର ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଯେଉଁ ଚାଷୀମାନେ ଜିଆଟାଙ୍କି ତିଆରି କରି ପାରିନାହାନ୍ତି, ସେମାନଙ୍କୁ ଗୋଟିଏ ଲେଖାଏଁ ଏଚ୍ଡିପିଇ ଜିଆଟାଙ୍କି ପ୍ରଦାନ କରାଯାଇଥିଲା। ଏହି ଟାଙ୍କି ଦ୍ୱାରା କିଭଳି ଜିଆଖତ ପ୍ରସ୍ତୁତ କରାଯିବ, ତାହା ଉପରେ ବ୍ଲକ ସହକାରୀ କୃଷି ଅଧିକାରୀ ମଧୁସ୍ମିତା ମିଶ୍ର ତାଲିମ ପ୍ରଦାନ କରିଥିଲେ। ଏହା ସହିତ ଦେଶୀ ଧାନରୁ ଚାଉଳ ପ୍ରସ୍ତୁତ କରି ଏହାର ଗ୍ରେଡ଼ିଂ ଏବଂ ପ୍ୟାକିଂ ବିଷୟରେ ମଧ୍ୟ ତାଲିମ ଦିଆଯାଇଥିଲା। ଉକ୍ତ ୪ଟି କ୍ଲଷ୍ଟରର ଚାଷୀମାନଙ୍କୁ ଜୈବିକ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କଳିଙ୍ଗ ଅର୍ଗାନିକ ନାମରେ ମିଳିଥିବା ଲୋଗୋକୁ କିଭଳି ବ୍ୟବହାର କରି ଅଧିକ ମୂଲ୍ୟରେ ଜୈବିକ ଉତ୍ପାଦକୁ ବାହାର ବଜାରକୁ ରପ୍ତାନୀ କରିପାରିବେ, ସେ ବିଷୟରେ ମଧ୍ୟ ଚାଷୀମାନଙ୍କୁ ଅବଗତ କରାଯାଇଥିଲା ।

ଉକ୍ତ ଚାଷୀମାନଙ୍କ ଦ୍ୱାରା ଗଠିତ ମା ମଙ୍ଗଳା ଜୈବିକ ଉତ୍ପାଦକ କମ୍ପାନୀର ସହଭାଗିତା ଏବଂ ପରମ୍ପରାଗତ କୃଷି ବିକାଶ ଯୋଜନାରୁ ମିଳିଥିବା ୪ଲକ୍ଷ ୮୦ହଜାର ଟଙ୍କା (କ୍ଲଷ୍ଟର ପ୍ରତି ୧ଲକ୍ଷ ୨୦ହଜାର ଟଙ୍କା)ରେ କିଣାଯାଇଥିବା ଏକ ପିକ୍ଅପ୍ ଭ୍ୟାନକୁ ଜୈବିକ ଉତ୍ପାଦନ ପରିବହନ ଉଦ୍ଦେଶ୍ୟରେ ଶୁଭାରମ୍ଭ କରାଯାଇଥିଲା। ଏଥିରେ ମା ମଙ୍ଗଳା କୃଷକ ଉତ୍ପାଦକ କମ୍ପାନୀର ସମ୍ପାଦକ ଏବଂ ଅନ୍ୟମାନେ ଉପସ୍ଥିତ ରହି ଗାଡ଼ିକୁ କିଭଳି ପରିଚାଳନା କରାଯିବ ସେ ନେଇ ସୂଚନା ଦେଇଥିଲେ। ସେହିପରି ୨୦୧୭ରୁ ବରଗଡ଼ ଜିଲାରେ ପରମ୍ପରାଗତ କୃଷି ବିକାଶ ଯୋଜନା ସୁରୁଖୁରୁରେ ଚାଲିଛି ଏବଂ ଚାଷୀମାନେ ସରକାରୀ ଯୋଜନାର ନିୟମ ଅନୁସାରେ ଏହାର ସୁଫଳ ପାଉଛନ୍ତି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବାନ୍ଧୁ ଗାନ୍ଧୀ ସୂଚନା ଦେଇଛନ୍ତି ।

## ବନ୍ଧୁକ ଦେଖାଇ ୩୫ ହଜାର, ବାଇକ୍ ଲୁଟ୍

ଉଲୁଣ୍ଡା,୧୬।୪(ଡି.ଏନ.ଏ.)

ଗୁରୁବାର ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ସାଲେସିଂ ବ୍ରିଜ ନିକଟରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଜଣେ ବ୍ୟବସାୟୀଙ୍କ ଠାରୁ ନଗଦ ୩୫ ହଜାର ଟଙ୍କା ଏବଂ ବାଇକ୍ ଲୁଟି ନେଇଛନ୍ତି । ଏ ନେଇ ଉଲୁଣ୍ଡା ଥାନାରେ ଅଭିଯୋଗ ହୋଇଛି ।

ପ୍ରକାଶ ଯେ, ସମ୍ବଲପୁରର ବ୍ୟବସାୟୀ ମନୋଜ କୁମାର ତ୍ରିପାଠୀ ଗୁରୁବାର ବୀରମହାରାଜପୁର ଅଞ୍ଚଳରୁ ଟଙ୍କା ଅସୁଲି କରି ସମ୍ବଲପୁରକୁ ଏକ ବାଇକ୍ (ଓଡି୫ ଆର- ୪୩୫୪) ଯୋଗେ ଫେରୁଥିଲେ । ଏହି ସମୟରେ ଏକ ବାଇକ୍ରେ ପିଛା କରି ଆସୁଥିବା ତିନି ଜଣ ଯୁବକ ଅପରାହ୍ନ ପ୍ରାୟ ୫ଟାରେ ସାଲେସିଂ ବ୍ରିଜ ନିକଟରେ ନିଛାଟିଆ ଦେଖି ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ଠାରୁ ନଗଦ ୩୫ ହଜାର, ଗୋଟିଏ ସାମସଙ୍ଗ ମୋବାଇଲ, ବାଇକ୍ ଏବଂ କିଛି ଜରୁରୀ କାଗଜପତ୍ର ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଘଟଣାସ୍ଥଳରୁ ମନୋଜ ଚାଲି ଚାଲି ଆସି ବିଳମ୍ବିତ ରାତ୍ରିରେ ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା(୬୦/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଯଥାଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ଟଙ୍କଧର ଛତ୍ରିଆ ପ୍ରକାଶ କରିଛନ୍ତି। ଉଲୁଣ୍ଡା ଅଞ୍ଚଳରେ ଏଭଳି ଲୁଟ ବାରମ୍ବାର ହେଉଛି। ଫଳରେ ଜନସାଧାରଣ ନିଜକୁ ସୁରକ୍ଷିତ ମଣୁ ନ ଥିବା ବେଳେ ପୋଲିସର ପାଟ୍ରୋଲିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠୁଛି। ସୁବର୍ଣ୍ଣପୁର ଏସ୍ପି ଏଥିପ୍ରତି ଦୃଷ୍ଟିଦେଇ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ଦାବି ହେଉଛି।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ


ମୃତକଙ୍କ ପରିବାର ଲୋକେ ପଦ୍ମପୁର ଏସ୍ଡ଼ିପିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଝାରବନ୍ଧ,୧୬।୪(ଡି.ଏନ.ଏ)

**ହୋମଗାର୍ଡ଼ ଆତ୍ମହତ୍ୟା ମାମଲା**

ବରଗଡ଼ ଜିଲା ଝାରବନ୍ଧରେ ହୋମଗାର୍ଡ଼ ସଞ୍ଜୟ ପ୍ରଧାନଙ୍କ ଆତ୍ମହତ୍ୟା ମାମଲାକୁ ନେଇ ଶୁକ୍ରବାର ପୁଣି ଆନ୍ଦୋଳନ ତେଜିଛି। ସଞ୍ଜୟଙ୍କ ଆତ୍ମହତ୍ୟାରେ ତାଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ପକ୍ଷରୁ ସ୍ଥାନୀୟ କିଛି ଲୋକଙ୍କୁ ଦାୟୀ କରି ଥାନାରେ ଏତଲା ଦିଆଯାଇଥିଲା। ମାତ୍ର ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିନାହିଁ। ଏହାର ପ୍ରତିବାଦରେ ମୃତ ହୋମଗାର୍ଡ଼ଙ୍କ ପରିବାର ସମେତ ସ୍ଥାନୀୟ ଲୋକେ ଝାରବନ୍ଧ ଥାନାକୁ ଘେରାଉ କରିଥିଲେ। ପଦ୍ମପୁର ଏସ୍ଡ଼ିପିଓ ପ୍ରଦୀପ କୁମାର ସାହୁ ଆନ୍ଦୋଳନସ୍ଥଳକୁ ଆସି ମାମଲାର ତଦନ୍ତ ପାଇଁ ଇନ୍ସପେକ୍ଟର ଜି.ଆର ସତନାମୀଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହାପରେ ପରିବାର ଲୋକେ ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଯେ, ଗତ ୪ତାରିଖରେ ହୋମଗାର୍ଡ଼ ସଞ୍ଜୟ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ଏହାପୂର୍ବରୁ ସେ ଏକ ସୁଇସାଇଡ଼ାଲ ନୋଟ୍ ଲେଖିଥିଲେ ଏବଂ ତାଙ୍କ ଆତ୍ମହତ୍ୟା ପାଇଁ କିଛି ଲୋକଙ୍କୁ ଦାୟୀ କରିଥିଲେ। ଫଳରେ ସମ୍ପୃକ୍ତ ଲୋକଙ୍କୁ ଗିରଫ ଦାବିରେ ପରିବାର ଲୋକେ ମୃତଦେହ ରଖି ସେତେବେଳେ ଥାନା ଆଗରେ ଧାରଣା ଦେଇଥିଲେ ଏବଂ ପୋଲିସ ମଧ୍ୟ ଅଭିଯୁକ୍ତଙ୍କୁ ୭ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଘଟଣାର ୧୨ଦିନ ପରେ ମଧ୍ୟ ଏହି ମାମଲାରେ ପୋଲିସ ହାତ ଖାଲି ଥିବାରୁ ପରିବାର ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଶୁକ୍ରବାର ଏସ୍ଡ଼ିପିଓ ସାହୁଙ୍କୁ ମୃତକଙ୍କ ସ୍ତ୍ରୀ ଏବଂ ପରିବାର ସଦସ୍ୟ, ସମ୍ପର୍କୀୟମାନେ ପୁଣି ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ପ୍ରଶାନ୍ତଙ୍କ ହାତରେ ଅସ୍ତ୍ରୋପଚାର ପାଇଁ ଅର୍ଥ ବାଧକ

ବିନିକା,୧୬।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଅନ୍ତର୍ଗତ ମାୟାବର୍ହା ଗ୍ରାମର ନାରାୟଣ ତାଣ୍ଡିଙ୍କ ସାନପୁଅ ପ୍ରଶାନ୍ତ(୧୫)ଙ୍କ ଉପଯୁକ୍ତ ଚିକିତ୍ସା କରିବାରେ ଅର୍ଥ ସାଜିଛି ବାଧକ । ଫଳରେ ସେ ଭାଗ୍ୟକୁ ଆଦରି ଦିନ କାଟୁଥିବା ବେଳେ ଗରିବ ମା'ବାପା ସହାୟତା ଅପେକ୍ଷାରେ ଚାହିଁ ବସିଛନ୍ତି । ହରିଜନ ପଡାରେ ୩ ପ୍ରାଣୀ କୁଟୁମ୍ବକୁ ଧରି ରୁହନ୍ତି ନାରାୟଣ। ତାଙ୍କର ଜମିବାଡି କିଛି ନାହିଁ । ମୁଣ୍ଡ ଗୁଞ୍ଜିବା ପାଇଁ ଏକ ଭଙ୍ଗା ଦଦରା ଘର ଏକମାତ୍ର ସମ୍ବଳ। ତାଙ୍କ ସାନପୁଅ ପ୍ରଶାନ୍ତ ୭ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଜଣେ ଶିକ୍ଷୟିତ୍ରୀ ନିକଟସ୍ଥ ଆମ୍ବଗଛରୁ ଆମ୍ବ ତୋଳିବା ପାଇଁ କହିଥିଲେ । ପ୍ରଶାନ୍ତ ଆମ୍ବ ତୋଳିବା ବେଳେ ଆସାବଧାନତା ବଶତଃ ଗଛରୁ ଖସି ପଡିଥିଲେ। ଫଳରେ ତାଙ୍କ ବାମହାତ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଘଟଣାଟି ୨୦୧୯ ମସିହା ଅଗଷ୍ଟ ମାସ ୨୮ ତାରିଖରେ ଘଟିଥିଲା। ଫଳରେ ନାରାୟଣ ପୁଅକୁ ନେଇ ପ୍ରଥମେ ବରଗଡ ସରକାରୀ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜଡାମୁଡା ଆୟୁର୍ବେଦିକ ଚିକିତ୍ସାଳୟରେ ପୁଅକୁ ଦେଖାଇ ଚିକିତ୍ସା କରିଥିଲେ। ମାତ୍ର ଭଲ ହେବା ପରିବର୍ତ୍ତେ ଯନ୍ତ୍ରଣା ଅଧିକ ହେବାରୁ ସେ ବିଭିନ୍ନ ଆଡୁ ଅର୍ଥ ସଂଗ୍ରହ କରି ପୁଅକୁ ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିଲେ।


ମା'ଙ୍କ ସହ ପ୍ରଶାନ୍ତ ।

ସେଠାରେ ତାଙ୍କର ଅସ୍ତ୍ରୋପଚାର ହେଲା ଏବଂ ବାମ ହାତକୁ ସମ୍ପୂର୍ଣ୍ଣ ଭାବେ କାଟିବାକୁ ପଡିଲା। ତେବେ ଶେଷ ଅସ୍ତ୍ରୋପଚାର ପାଇଁ ଏହାମଧ୍ୟରେ ୩ ମାସରୁ ଅଧିକ ଦିନ ବିତି ଯାଇଥିଲେ ମଧ ନାରାୟଣ ଟଙ୍କା ଯୋଗାଡ କରିବାରେ ଏଯାଏ ସଫଳ ହୋଇପାରିନାହାନ୍ତି। ପୁଅର ଶେଷ ଅସ୍ତ୍ରୋପଚାର କଟକ ବଡ ମେଡିକାଲରେ ହେବାକୁ ସ୍ଥିର ହୋଇଥିବା ସେ କହିଛନ୍ତି। କିନ୍ତୁ ଅର୍ଥାଭାବରୁ ଏହି ପରିବାର ଚିନ୍ତାରେ ଅଛନ୍ତି । ପ୍ରଶାସନ କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ତାଙ୍କୁ ସହଯୋଗର ହାତ ବଢାଇବାକୁ ସେ ଆକୁଳ ନିବେଦନ କରିଛନ୍ତି ।

## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଡୁମେରମୁଣ୍ଡା ଶ୍ରୀଧର ବେନିଆ ହତ୍ୟା ଘଟଣା**

କଣ୍ଟାବାଞ୍ଜି,୧୬।୪(ଡି.ଏନ.ଏ.)

ଶ୍ରୀଧର ବେନିଆ ହତ୍ୟା ମାମଲାର ବିଚାର କରି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସେ ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଦେବା ସହ ୧୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।ମିଳିଥିବା ସୂଚନା ଅନୁସାରେ, ମୁରିବାହାଲ ଥାନା ଡୁମେରମୁଣ୍ଡା ଗାଁର ଶ୍ରୀଧର ବେନିଆଙ୍କୁ ସେହି ଗାଁର ବିଚିତ୍ର ବେନିଆ(୪୮) ଗତ ୨୦୧୭ ମସିହାରେ ହତ୍ୟା କରିଥିଲେ । ମୁରିବାହାଲ ଥାନା କେସ ନଂ.୧୨୨/୧୦।୧୧।୨୦୧୭, ଦଫା ୪୫୨/୩୦୨ ଆଇପିସିରେ ମାମଲା ଚାଲିଥିଲା । ଏହି ମାମଲାରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିବା ପରେ କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ସାମଲ ଅଭିଯୁକ୍ତ ବିଚିତ୍ରଙ୍କୁ ଆଜୀବନ କାରାଦଣ୍ଡ ସହ ୧୫ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଥିଲେ। ଏହି ମାମଲାକୁ ଏ.ଡି.ଜେ.କୋର୍ଟର ଆଡିସିନାଲ ପି.ପି. କାନନ କିଶୋର ପଣ୍ଡା ପରିଚାଳନା କରୁଥିଲେ।

## ଅଭିଯୋଗର ଉତ୍ତର ଦେବାକୁ ନିର୍ଦ୍ଦେଶ

ବୌଦ୍ଧ,୧୬।୪(ସ୍ୱ.ପ୍ର)

**ଶିକ୍ଷୟିତ୍ରୀ, ଶିକ୍ଷକ ବଦଳି ମାମଲା**

ବୌଦ୍ଧ ଜିଲା ଶିକ୍ଷା ବିଭାଗରେ ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତି ଓ ବଦଳି ଅନିୟମିତତା ଅଭିଯୋଗର ତଦନ୍ତ ଆରମ୍ଭ କରିଛି ଗଣଶିକ୍ଷା ବିଭାଗ। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଇଓ ଧ୍ରୁବ ଚରଣ ଘିବେଲାଙ୍କୁ ଚିଠି ନଂ.୫୩୧୦/୨୧ରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାସ ମଧ୍ୟରେ ସମସ୍ତ ଅଭିଯୋଗର ଲିଖିତ ଉତ୍ତର କିମ୍ବା ବ୍ୟକ୍ତିଗତ ହାଜର ହୋଇ ଦାଖଲ କରିବାକୁ କୁହାଯାଇଛି। ଆଦେଶ ଅନୁପାଳନରେ ବିଫଳ ହେଲେ ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) (ସିସିଆଣ୍ଡଏ)୧୯୬୨ର ଧାରା ୧୫ ଅନୁସାରେ ତଦନ୍ତ ଅଗ୍ରଗତି ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

ଅଭିଯୋଗ ଅନୁସାରେ, ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ ବଦଳି ଓ ନିଯୁକ୍ତି ନେଇ ସ୍ପଷ୍ଟ ନିୟମ ରହିଛି। ଶିକ୍ଷକଙ୍କ ବଦଳି କିମ୍ବା ନିଯୁକ୍ତି ଜନିତ ନିଷ୍ପତ୍ତି ବଦଳି କମିଟିରେ ଆଲୋଚନା ପରେ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ଅନୁମୋଦନ ହେବା କଥା। କିନ୍ତୁ ୨୦୧୯ ଡିସେମ୍ବର ୫ରେ ବୌଦ୍ଧ ବିଇଓ ଭାବେ ଦାୟିତ୍ୱ ନେବା ପରେ ଧ୍ରୁବ ଚରଣ ଘିବେଲା ନିୟମ ଉଲ୍ଲଂଘନ କରି ବହୁ ଶିକ୍ଷକଙ୍କ ବଦଳି ଓ ସ୍ଥାପନା କରିଛନ୍ତି। ସେଗୁଡିକ ଡିଇଓ ଓ ଜିଲାପାଳଙ୍କ ବିନା ଅନୁମତି ଓ ଅନୁମୋଦନରେ ହୋଇଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବେଆଇନ ବଦଳି କରି ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗ ହେବା ପରେ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମୋଦନରେ ବଦଳି କରାଯାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତାଲିକା ଦାଖଲ କରିବାକୁ ୨୦୨୦ ନଭେମ୍ବର ୯ରେ ଘିବେଲାଙ୍କୁ ଡିଇଓଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବିଇଓ ଘିବେଲା ତାଲିକା ଦାଖଲ କରି ନ ଥିବା ଅଭିଯୋଗ ହୋଇଛି। ସେହିପରି ବିଇଓ ଘିବେଲା ହରଭଙ୍ଗା ବ୍ଲକରେ ଥିବା ବେଳେ ତାଙ୍କ ବିରୋଧରେ ମଧ ଅନେକ ଅଭିଯୋଗ ଆସିଥିଲା। ଏସବୁ ଅଭିଯୋଗ ପାଇବା ପରେ ବିଭାଗୀୟ ପ୍ରମୁଖ ସଚିବ ଏ ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ସହ ଅଭିଯୋଗର ଉତ୍ତର ଏକମାସ ମଧ୍ୟରେ ଦେବାକୁ ବୌଦ୍ଧ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ତେବେ ଏ ସମ୍ପର୍କରେ ବିଇଓ ଘିବେଲାଙ୍କ ମତାମତ ମିଳିପାରିନାହିଁ ।

# ବଡ଼ବର୍ଡ଼ାକଟାରେ ପାନୀୟ ଜଳ ସମସ୍ୟା

ଅମରପାଲି, ୧୬।୪ (ଡି.ଏନ.ଏ.)


ବଡବର୍ଡାକଟାରେ ପାନୀୟ ଜଳ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

**ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ**

ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବଡବର୍ଡାକଟା ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏ ନେଇ ଗ୍ରାମବାସୀ ଗୁରୁବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ପ୍ରତିକାର ଦାବି କରିଛନ୍ତି ।

ପ୍ରକାଶ ଯେ, ବଡବର୍ଡାକଟା ଗ୍ରାମ ୨ଟି ୱାର୍ଡ ବିଶିଷ୍ଟ ହୋଇଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ୧୫ଶହରୁ ଅଧିକ। ଗ୍ରାମରେ ୨ଟି ନଳକୂପ ଥିବା ବେଳେ କେତେଜଣ ବ୍ୟକ୍ତିଙ୍କ ଘରେ ଥିବା କୂଅରୁ ମଧ ଲୋକେ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ଜନସାଧାରଣ ଗାଧୋଇବା ତଥା ଗୃହପାଳିତ ପଶୁମାନେ ଗ୍ରାମରେ ଥିବା ପୋଖରୀ ଉପରେ ମୁଖ୍ୟତଃ ନିର୍ଭର କରନ୍ତି। ଏବେ ଖରାଦିନ ଆରମ୍ଭରୁ ଗ୍ରାମର ପୋଖରୀ ଶୁଖି ଆସିଲାଣି। ପୂର୍ବବର୍ଷ ଗୁଡିକରେ ପାନୀୟ ଜଳ ସମସ୍ୟା ଏତେଟା ନ ଥିବା ବେଳେ ଚଳିତବର୍ଷ ଗ୍ରାମରେ କେତେଜଣ ବ୍ୟକ୍ତି ବୋରୱେଲ ଖୋଳି ରବି ଚାଷ କରୁଛନ୍ତି। ଏଣୁ ଗ୍ରାମର କୂଅଗୁଡିକ ଶୁଖି ଯାଉଥିବା ବେଳେ ଭୂତଳ ଜଳ ନିମ୍ନଗାମୀ ଯୋଗୁ ନଳକୂପରୁ ମଧ ଆବଶ୍ୟକ ପାଣି ବାହାରୁ ନାହିଁ। ଫଳରେ ନଳକୂପ ଆଗରେ ସବୁବେଳେ ଲମ୍ବା ଲାଇନ ଲାଗୁଛି । ଲୋକେ ଚାହିଦା ମୁତାବକ ପାନୀୟ ଜଳ ପାଇପାରୁ ନାହାନ୍ତି। ଦୀର୍ଘ ଦିନ ହେଲା ଗ୍ରାମବାସୀ ଗ୍ରାମରେ ଏକ ଜଳ ଯୋଗାଣ ପ୍ରକଳ୍ପ କରିବା ପାଇଁ ଦାବି କରି ଆସୁଥିଲେ ହେଁ ଏଯାଏ ପ୍ରକଳ୍ପ ଆରମ୍ଭ କରାଯାଇ ନାହିଁ। ଏଣୁ ଗ୍ରାମରେ ଜଳଯୋଗାଣ ପ୍ରକଳ୍ପ କରିବା ପୂର୍ବରୁ ଦୁଇଟି ନଳକୂପ ଖୋଳିବାକୁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଗ୍ରାମର ସାକ୍ଷୀ ଗୋପାଳ ମିଶ୍ର, ଦୁର୍ଯ୍ୟୋଧନ ମିଶ୍ର, ଶ୍ରୀମତ ଦେହେରୀ, ଗୋବନ୍ଧ ଦେହୁରୀ, ସସ୍ମିତା ମିଶ୍ର, ଶିବାଶିଷ ଭୋଇ, ବିନୋଦ ଗାଇଗଡିଆ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

## ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ରର ପ୍ରତିଷ୍ଠା ଦିବସ ପାଳିତ

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ଜିଲା ବିଳାସପୁର ଗ୍ରାମପଞ୍ଚାୟତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ୩ୟ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ମାଧମରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଉପଲବ୍ଧ ୧୨ଟି ସ୍ୱାସ୍ଥ୍ୟସେବାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇ ମାନପତ୍ର ପ୍ରଦାନ କରାଯାଇଥିଲା ଏବଂ ଅଣସଂକ୍ରାମକ ରୋଗର ଚିହ୍ନଟୀକରଣ କରାଯାଇଥିଲା। ମନମୁଣ୍ଡା ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମହେନ୍ଦ୍ର କୁମାର ସାଏ, ବିପିଏମ୍ ଅଶୋକ ମିଶ୍ର, ସରପଞ୍ଚ ଅଜିତ କୁମାର ସାହୁ, ଏଏନ୍ଏମ୍ ସନ୍ଧ୍ୟାରାଣୀ ବେହେରା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ଚନ୍ଦ୍ରମା ସଂସ୍ଥାର କର୍ମକର୍ତ୍ତା ଆଦି ଯୋଗ ଦେଇଥିଲେ ।

**ସଂକ୍ଷେପରେ**

## ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭବାନୀପାଟଣା, ୧୬।୪ (ଡି.ଏନ.ଏ.):** ଭବାନୀପାଟଣା ବ୍ଲକ ସେଁପୁରଠାରେ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସେଁପୁର ସରପଞ୍ଚ ରାଜେଶ ପ୍ରସାଦ ସାହୁ ମୁଖ୍ୟଅତିଥି, ମାଦିଗୁ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି, ମାଟିଆ ସରପଞ୍ଚ ମୀନା ସାହୁ, ସେଁପୁର ସମିତିସଭ୍ୟ ଲିଙ୍ଗରାଜ ଯୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସେଁପୁର ଯୁଥମାସ ସଭାପତି ଦିଲୀପ ବାଗ ପରିଚାଳନା କରିଥିଲେ। ସେହିଭଳି ଅର୍ତ୍ତଲଠାରେ ମଧ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅର୍ତ୍ତଲ ସରପଞ୍ଚ ତରୁଣ କୁମାର କନ୍ଦପାଣିଙ୍କ ଦାରା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସାଇନିଙ୍ଗ କଳାହାଣ୍ଡି ଅଧକ୍ଷ ଭବାନୀଶଙ୍କର ନିଆଲଙ୍କ ପ୍ରଚେଷ୍ଟାରେ ଏହି ଦୁଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାପନ ହୋଇଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

## କୋଭିଡ୍ ସଚେତନତା ବୈଠକ

**କୋକସରା, ୧୬।୪ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ପେନ୍‌ସନଗ୍ରାହୀ ସଂଘ ସମ୍ପାଦକ ମିନିକେତନ ପ୍ରଧାନୀଙ୍କ ଅଧକ୍ଷତାରେ ଶୁକ୍ରବାର ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘ ପକ୍ଷରୁ କରୋନା ସଚେତନତା ନିମନ୍ତେ ନିଜ ଅଞ୍ଚଳର ଲୋକଙ୍କ ପାଇଁ ଏକ ଅଭିଯାନ ମାଧମରେ ନିଜର ଯୋଗଦାନ ଦେବା ପାଇଁ ସହମତି ପ୍ରକାଶ ପାଇଥିଲା। ବୈଠକରେ ସଂଘ ସଦସ୍ୟ ଜଗବନ୍ଧୁ ମାଝି, କେଶବ ଚନ୍ଦ୍ର ନାଏକ, ବୁଟୁନାଥ ସରବୁ, ବିଶ୍ୱମ୍ଭର ନାଏକ, ଦୁର୍ଗା ଚରଣ ଚିନ୍ଦା, ମୁକ୍ତେଶ୍ୱର ପଟ୍ଟନାୟକ, ଟିକଚନ ବେହେରା, ରବୀନ୍ଦ୍ର ନାଥ ରାଉତ, ଅନନ୍ତ ବେମାଲ ପ୍ରମୁଖ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କୃଷକଙ୍କ ପାଇଁ ଗଡ଼ିଲା କୃଷି ସଚେତନତା ରଥ

**କୋକସରା, ୧୬।୪ (ଡି.ଏନ.ଏ.):** ଜିଲା କୃଷି ବିଭାଗ ବ୍ଲକର ସମସ୍ତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟରେ କୃଷକଙ୍କୁ ସଚେତନ କରିବା ପାଇଁ କୃଷି ରଥର ଶୁଭାରମ୍ଭ କରିଛନ୍ତି। ଏହିକ୍ରମରେ କୋକସରା ବ୍ଲକରୁ ଶୁକ୍ରବାର କୃଷିରଥ ଉଦ୍‌ଘାଟିତ ହୋଇଛି। କୃଷିରଥ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କୃଷି ଯୋଜନା ଉପରେ ଚାଷୀଙ୍କୁ ଯୋଜନା ବିଷୟରେ ସଚେତନ କରିବ। କୃଷିରଥ ଉଦ୍‌ଘାଟନୀ ଅବସରରେ ଗୋଷ୍ଠି କୃଷି ଅଧିକାରୀ ସୁବ୍ରତ କୁମାର ପାଢ଼ୀଙ୍କ ସମେତ ସହକାରୀ କୃଷି ଅଧିକାରୀ ଘନଶ୍ୟାମ ଦେହୁରୀ, ଉଦ୍ୟାନ ସହକାରୀ ଅଧିକାରୀ ତପନ କୁମାର ପାତ୍ର, ମତ୍ସ୍ୟ ସମ୍ପଦ ଅଧିକାରୀ ଲଳିତ ମହାନନ୍ଦ, ପ୍ରାଣୀଧନ ଚିକିତ୍ସା ଅଧିକାରୀ ଶ୍ରୀନିବାସ ପ୍ରଧାନୀ, ଆଶିଷ ପାଟିଲ ଏବଂ ବ୍ଲକର କୃଷି କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ।

## ରାଶନ, ପନିପରିବା ଦର ଆକାଶଛୁଆଁ

**ନୂଆପଡ଼ା ଅଫିସ, ୧୬।୪:** ନୂଆପଡା ଜିଲାରେ ନିତ୍ୟ ବ୍ୟାବହାର୍ଯ୍ୟ ସାମଗ୍ରୀ ଦର ଆକାଶ ଛୁଆଁ । ଏହା ସାଧାରଣ ଖାଉଟିଙ୍କ ପାଇଁ ଚିନ୍ତାରକାରଣ ପାଲଟିଛି। ୫ ଶହ ଟଙ୍କାରେ ରାସନ କିମ୍ଭା ପରିବା ଆଣିଲେ ବ୍ୟାଗ ପୁରୁ ନାହିଁ। ପାଖପାଖି ଗୋଟିଏ ସପ୍ତାହରୁ ଉର୍ଦ୍ଧ୍ୱ ହେବ ରାସନ ସହ ପନିପରିବା ଦର ଆକାଶଛୁଆଁ । ବର୍ତ୍ତମାନ ପୁଣି ଲକଡାଉନ, ସଟଡାଉନର ଘୋଷଣା ପରେ ସପ୍ତାହିକ ବଜାର କିମ୍ଭା ଦୈନନ୍ଦିନ ବଜାର ଉପରେ ପ୍ରଶାସନ ଅଙ୍କୁଶ ଲଗାଇବାରୁ ସାଧାରଣ କୋଚିଆମାନେ ଗାଁ ଗାଁ ବୁଲି ଚଢା ଦରରେ ବିକ୍ରି କରୁଛନ୍ତି। ଗ୍ରାହାକ ବଜାରକୁ ଗଲେ କେଉଁ ପରିବା କିଣିବେ କେତେ କିଣିବେ ବହୁଥର ଭାବିବାକୁ ପଡୁଛି। ପିଆଜ ୬୦, ପୋଟଳ ୮୦, ବାଇଗଣ ୫୦, ବିଲାତି ୫୦, କଞ୍ଚାଲଙ୍କା ୧୫୦, ଧନିଆପତ୍ର ୪୦୦, କଲରା ୮୦, ଗାଜର ୬୦, ବିଟ ୮୦, ଭେଣ୍ଡି ୮୦, ବିମ୍ବ ୨୦୦, ବନ୍ଧାକୋବି ୬୦, ଫୁଲକୋବି ୬୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଖାଇବା ତେଲ ୧୫୦, ମୁଗଡାଲି ୧୨୦, ବିରିଡାଲି ୯୦, ହରଡ ଡାଲି ୧୦୦, ୧୨୦, ୧୪୦ରେ ବିକ୍ରି ହେଉଥିବା ବେଳେ ମସୁର ଡାଲି ୮୦ ଟଙ୍କା ରହିଛି। ପ୍ରଶାସନର କୌଣସି ଅଙ୍କୁଶ ନ ଥିବାରୁ ରାସନ ଓ ପନିପରିବାକୁ ନେଇ ବ୍ୟାପାରୀମାନେ କରୋନା ବାହାନାରେ ମନଇଛା ଦର କସୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜଳ ଯୋଗାଣ ପ୍ରକଳ୍ପ ଅଧାପନ୍ତରିଆ

**ବିନିକା,୧୬।୪(ଡି.ଏନ୍.ଏ.)**


ଅଧାପନ୍ତରିଆ ଜଳଯୋଗାଣ ପ୍ରକଳ୍ପ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ କୁହିବାହାଲ ଗ୍ରାମରେ ଏବେ ଘୋର ପାନୀୟ ଜଳ ସଙ୍କଟ ଦେଖାଦେଇଛି। କୂଅ, ପୋଖରୀର ପାଣି ଶୁଖି ଯାଇଛି। ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ଏହି ପରିସ୍ଥିତିରେ ଗାଁରେ ନିର୍ମାଣାଧୀନ ଜଳଯୋଗାଣ ପ୍ରକଳ୍ପ ଜଳକଷ୍ଟ ଦୂର କରିବାର ଆଶା କରାଯାଉଥିଲା। ହେଲେ ଦୁଇବର୍ଷ ବିତି ଯାଇଥିଲେ ବି କାମ ଅଧାପନ୍ତରିଆ ହୋଇ ପଡି ରହିଛି। ଏପ୍ରିଲ ମାସର ଅଧା ସମୟ ବିତି ଯାଇଥିବାରୁ ଚଳିତ ଗ୍ରୀଷ୍ମଋତୁରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି।

ସାତୱାର୍ଡ ବିଶିଷ୍ଟ କୁହିବାହାଲ ଗ୍ରାମବାସୀଙ୍କୁ ପାଇପ ପାଣି ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୧୯-୨୦ ଆର୍ଥିକ ବର୍ଷରେ ଗାଁରେ ଆରମ୍ଭ ହୋଇଥିଲା ଏକ ଜଳଯୋଗାଣ ପ୍ରକଳ୍ପ। ବ୍ୟୟ ଅଟକଳ ଥିଲା ୪୫ଲକ୍ଷ ଟଙ୍କା। ଇତିମଧ୍ୟରେ ହାଉସ୍ କାମ ସରିଥିବା ବେଳେ ଓଭରହେଡ ଟ୍ୟାଙ୍କ କାମ ସମ୍ପୂର୍ଣ୍ଣ ହୋଇପାରିନି । ପ୍ରକଳ୍ପ ନିର୍ମାଣସ୍ଥଳ ଜମି ସମସ୍ୟାକୁ ନେଇ କାମ ଆଗଉ ନ ଥିବା କୁହାଯାଉଛି। ସ୍ଥିତି ଏହିପରି ଥିବା ବେଳେ ମହିଳାମାନେ ଗ୍ରାମର ଏକ କୂପର ପାଣିକୁ ବ୍ୟବହାର କରୁଛନ୍ତି। ଏଥିପାଇଁ ଉକ୍ତ କୂଅ ପାଖରେ ରାତି ୪ଟାରୁ ଲମ୍ୱା ଧାଡି ଲାଗୁଛି। ଏଣୁ ତୁରନ୍ତ ଜମି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ କରି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମର ଶମ୍ଭୁ ପ୍ରସାଦ ପ୍ରଧାନ, ନାରାୟଣ ବିଶ୍ୱାଳ, ଗୋପୀ ବିଶ୍ୱାଳ, ଗଦାଧର ରଣା, ପବିତ୍ର ରଣା, ଧ୍ରୁବଲେ ରଣା, ପ୍ରଦୀପ ସାହୁ ପ୍ରମୁଖ ଦାବି କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଆଗାମୀ ଦିନରେ ବିନିକା ଆରଡବ୍ଲ୍ୟୁଏସଏସ୍ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି କୁଇବାହାଲ ଗ୍ରାମବାସୀ ଚେତାଇ ଦେଇଛନ୍ତି। ଏନେଇ ବିନିକା ଗ୍ରାମ୍ୟ ଜଳଯୋଗାଣ ବିଭାଗ ବିଭାଗ କନଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ବଳଙ୍କୁ ପଚାରିବାରୁ ପ୍ରକଳ୍ପ କାମ ଯେତେଶୀଘ୍ର ସମ୍ପନ୍ନ ହୋଇ ପାରିବ ପଦକ୍ଷେପ ନେବି ବୋଲି କହିଛନ୍ତି।

## ଗୋଟିଏ ନଳକୂପ ଭରସାରେ ୧୩୦ପରିବାର

**କଣ୍ଟାବାଞ୍ଜି, ୧୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅନ୍ତର୍ଗତ ବଡଡକଲା ଗାଁର ଆଦିବାସୀ ବହୁଳ ଗାଁ ଡମନିଗୁଆଁ। ଗାଁରେ ୧୩୦ ଆଦିବାସୀ ପରିବାର ରୁହନ୍ତି। ଦୁଇୱାର୍ଡ ବିଶିଷ୍ଟ ଏହି ଗାଁରେ ରହିଛି ୪ଟି ନଳକୂପ । ସେଥିରୁ ସରକାରୀ ବିଦ୍ୟାଳୟରେ ଥିବା ନଳକୂପ ସଚଳ ଥିବା ବେଳେ ଅନ୍ୟ ତିନିଟି ଅଚଳ ହୋଇ ପଡିଛି। ଫଳରେ ଉକ୍ତ ସଚଳ ନଳକୂପ ଉପରେ ଗାଁର ୧୩୦ ପରିବାର ନିର୍ଭର କରୁଛନ୍ତି। ଗାଁରେ ଥିବା ଦୁଇଟି ଯାକ ପୋଖରୀ ଶୁଖିଲା ପଡିଛି। ପଙ୍କୋଦ୍ଧାର କରାଯାଇ ନ ଥିବାରୁ ଜଳଧାରଣ କ୍ଷମତା ହ୍ରାସ ପାଇ ଗ୍ରୀଷ୍ମ ପ୍ରାରମ୍ଭରୁ ଶୁଖିଯାଉଛି। ଲୋକେ ଜଳକଷ୍ଟ ମଧ୍ୟରେ ଗତି କରୁଥିବା ବେଳେ ଏ ଯାଏ ପଞ୍ଚାୟତ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ ସରପଞ୍ଚ ଧନସିଂ ମାଝିଙ୍କୁ ପଚାରିବାରୁ ପଞ୍ଚାୟତର ୩ଟି ସ୍ଥାନରେ ଜଳଛତ୍ର ଖୋଲାଯାଇଛି । ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଜଳକଷ୍ଟ ଗାଁରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।

## ପାନୀୟ ଜଳ ସମସ୍ୟା ଉତ୍କଟ

■ପାଇପ ଜଳ ଯୋଗାଣ ବନ୍ଦ
■ନଳକୂପରୁ ବାହାରୁଛି ଦୂଷିତ ପାଣି

**ଅତାବିରା, ୧୬।୪ (ଡି.ଏନ.ଏ)**

ବରଗଡ଼ ଜିଲାରେ ଦିନକୁ ଦିନ ତାତି ବଢୁଥିବା ବେଳେ ପାନୀୟ ଜଳ ସମସ୍ୟା ମଧ ଉତ୍କଟ ହେବାରେ ଲାଗିଛି। ଏହି କ୍ରମରେ ମହାନଦୀ କୂଳରେ ଥିବା ଭେଡେନ ବ୍ଲକ ଡାଲବ ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗାଁ ଲୋକେ ମହାନଦୀର ଦୂଷିତ ପାଣିକୁ ପାନୀୟ ଭାବେ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଡାଲବ ଗାଁକୁ ପୋଡଟିକ୍ରା ନିକଟରେ ଥିବା ଓଭରହେଡ ପାଣି ଟାଙ୍କିରୁ ପାଇପ ଯୋଗେ ଜଳଯୋଗାଣ ହେଉଥିଲା। ବିଭାଗୀୟ ଅଧିକାରୀ, କର୍ମଚାରୀ, ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏବେଠାରୁ ଗାଁରେ ପାନୀୟ ଜଳ ଯୋଗାଣ ସମସ୍ୟା ଦେଖାଯାଇଛି। ଖବର ଲେଖାହେବା ସୁଦ୍ଧା ଗାଁକୁ ପାଇପ ଜଳ ଯୋଗାଣ ହୋଇପାରିନାହିଁ। ଯେତିକି ଦୂର ପାଇପ ଯୋଗେ ପାଣି ଆସୁଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପାଇପ ମରାମତି କରି ଜଳ ଯୋଗାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଭେଡେନ ବ୍ଲକ ଆର୍‌ଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଅମିତା ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ଡାଲବ ଗାଁକୁ ଜଳଯୋଗାଣ ବନ୍ଦ ରହିଛି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ରିପୋର୍ଟ ଦେବାକୁ କୁହାଯାଇଛି। ତୁରନ୍ତ ଉକ୍ତ ଗାଁକୁ ଜଳଯୋଗାଣ ବ୍ୟବସ୍ଥା କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ସ୍ୱାଇଁ କହିଥିଲେ।

## ଟ୍ରାନ୍ସଫର୍ମର ପୋଡି: ବିଦ୍ୟୁତ୍ ଯୋଗାଣ ବ୍ୟାହତ

**ଲାଠୋର,୧୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ପିପଲବାହାଲ ଗ୍ରାମର ରାମଜିପଡାରେ ଥିବା ଟ୍ରାନ୍ସଫର୍ମର ଗତ ୩ ମାସ ହେବ ପୋଡିଯାଇଛି । ଫଳରେ ଏହା ଉପରେ ନିର୍ଭର କରୁଥିବା ଉପଭୋକ୍ତାମାନେ ବିଦ୍ୟୁତ୍ ନ ଥିବାରୁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆସନ୍ତା ସୋମବାର ସୁଦ୍ଧା ଏହାର ମରାମତି କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଗତ ୩ ମାସ ତଳେ କୌଣସି କାରଣରୁ ରାମଜି ପଡାରେ ଥିବା ଟ୍ରାନ୍ସଫର୍ମର ପୋଡି ଯାଇଥିଲା। ଲୋକଙ୍କ ଅଭିଯୋଗ ପାଇବା ପରେ ବିଭାଗ ପକ୍ଷରୁ ସେଠାରେ ଏକ ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇଥିଲା। କିନ୍ତୁ ଆଠ ଦିନ ପରେ ସେହି ଟ୍ରାନ୍ସଫର୍ମର ପୋଡି ଯାଇଥିଲେ ହେଁ ସେଠାରେ ନୂତନ ଟ୍ରାନ୍ସଫର୍ମର ବସା ଯାଇନାହିଁ କି ଏହାର ମରାମତି କରାଯାଉନାହିଁ। ଫଳରେ ଦୀର୍ଘ ତିନି ମାସ ହେବ ଜନସାଧାରଣ ଅନ୍ଧାରରେ ରହିଛନ୍ତି। ଗତ କିଛି ଦିନ ହେବ ଟାଣ ଖରା ଓ ଗରମ ଅନୁଭୂତ ହେଉଥିବା ବେଳେ ବିଦ୍ୟୁତ୍ ନ ଥିବାରୁ ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି ବୋଲି ଗ୍ରାମର ଘାସିରାମ ମେହେର, ଜାଦବ ବାରିକ, ସୁରେଶ ସନ୍ୟାସୀ, ସୁଦାମ ରଣା, ବୁଦ୍ଧୁ ମେହେର, ପାଞ୍ଚ ରଣା ପ୍ରମୁଖ କହିଛନ୍ତି। ଏପଟେ ପ୍ରତିକାର କରା ନ ଗଲେ ଲାଠୋର ସରପଞ୍ଚ ଧାରଣା ଦେବେ ବୋଲି ଜଣାଇଛନ୍ତି।

# ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା କରିବାକୁ ଦାବି

**କେସିଙ୍ଗା, ୧୬।୪ (ଡି.ଏନ.ଏ.)**

ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା କରିବାକୁ ଦାବି କରି ଶୁକ୍ରବାର କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟର ଯୁକ୍ତ ୩ ତୃତୀୟ ସେମିଷ୍ଟାର ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। ଏବେ କରୋନା ଅଣାୟତରେ ଥିବା ବେଳେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଦ୍ୱାରା ଆସନ୍ତା ଏପ୍ରିଲ ୨୭ରେ ପରୀକ୍ଷା କରିବା ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଏଭଳିସ୍ଥିତିରେ ସାମୂହିକ ଅଫ୍‌ଲାଇନ ପରୀକ୍ଷା ଆୟୋଜନ କଲେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବ। ତେଣୁ ଏହି ପରୀକ୍ଷାକୁ ଅନ୍‌ଲାଇନ ମାଧ୍ୟମରେ କରିବା ପାଇଁ ଏକ ଦାବିପତ୍ର ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ମାଧ୍ୟମରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାକୁ ସ୍ଥଗିତ ରଖିଛନ୍ତି। କିନ୍ତୁ ବର୍ତ୍ତମାନ ମହାମାରୀ ସମୟରେ ସମ୍ବଲପୁର ୟୁନିର୍ଭର୍ସିଟି ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ଓ କ୍ୟାରିୟର ପ୍ରତି କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି ।

# ନଷ୍ଟ ହେଉଛି ପିଲାଙ୍କ ପାଠ୍ୟପୁସ୍ତକ

**ଜୁନାଗଡ, ୧୬।୪ (ଡି.ଏନ.ଏ.)**


ବହି ଗୁଡ଼ିକ ନଷ୍ଟ ହେବାକୁ ବସିଛି।

ସରକାର ପାଠପଢ଼ାରେ ଉତ୍ସାହିତ କରିବା ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ପ୍ରଦାନ କରୁଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇ ଆଗକୁ ବଢିପାରିବେ। ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ଏହି ବହିଗୁଡିକୁ ଉପଯୁକ୍ତ ସ୍ଥାନରେ ରଖା ଯାଉ ନ ଥିବାରୁ ତାହା କାମକୁ ନ ଆସି ଏବେ ନଷ୍ଟ ହେବାକୁ ବସିଛି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷା ବିଭାଗରେ। ଜୁନାଗଡ ଶିକ୍ଷା ବିଭାଗ ଅନ୍ତର୍ଗତ ଚିଚୈଗୁଡା କ୍ଲଷ୍ଟର ସମେତ ନିକଟସ୍ଥ କ୍ଲଷ୍ଟର ଛାତ୍ରୀଛାତ୍ରୀଙ୍କୁ ଗତବର୍ଷ ପାଠ୍ୟ ପୁସ୍ତକ ଯୋଗାଇବା ପାଇଁ ସ୍ଥାନୀୟ ଶିକ୍ଷା ବିଭାଗ ପକ୍ଷରୁ ଚିଚୈଗୁଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଏକ ଶ୍ରେଣୀ କୋଠରିରେ ବହିଗୁଡିକ ରଖାଯାଇଥିଲା। ଉକ୍ତ ବର୍ଷ ଛାତ୍ରୀଛାତ୍ରଙ୍କୁ ବାଣ୍ଟିବା ପରେ ବଳକା ବହିଗୁଡିକୁ ନ ନେଇ ସେହି କୋଠରିରେ ଛାଡି ଚାଲିଯାଇଥିଲେ। ଉକ୍ତ ଶ୍ରେଣୀ କୋଠରି ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଥିବାରୁ ଛାତରୁ ଧୂଳିମାଟି ପଡି ବହିଗୁଡିକ ନଷ୍ଟ ହେବାକୁ ବସିଥିବା ଦେଖିବାକୁ ମିଳିଛି। ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ବହିଗୁଡିକୁ ଶିକ୍ଷା ବିଭାଗ ପକ୍ଷରୁ ଉପଯୁକ୍ତ ସ୍ଥାନରେ ରଖାଯାଉ ନ ଥିବାରୁ ତାହା ନଷ୍ଟ ହେବାକୁ ବସିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଜୁନାଗଡ ବିଆରସିସି କୁଳମଣି ମାଝିଙ୍କୁ ପଚାରିବାରୁ ଗତବର୍ଷର ଏହା ବଳକା ବହି। ଆମେ ଏହି ବହିଗୁଡିକୁ ଶ୍ରେଣୀ କୋଠରିରେ ରଖିଥିଲୁ। ଏବେ କେମିତି ଅଛି ତାହା ଦେଖିଲେ ଜଣାପଡିବ ବୋଲି କହିଥିଲେ।

## ବିଭିନ୍ନ ବିଷୟରେ ଆଲୋଚନା କଲେ ନୂତନ କୁଳପତି

**ଭବାନୀପାଟଣା, ୧୬।୪ (ଡି.ଏନ.ଏ.)**

କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ନୂତନ ଭାବେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଗତ ସୋମବାର ଯୋଗ ଦେଇଛନ୍ତି। କୁଳପତି ଶତପଥୀ ବିଶ୍ୱବିଦ୍ୟାଳୟ ପାଇଁ ନ୍ୟୁନତମ ୧୦୦ ଏକର ଜମି ଆବଶ୍ୟକ ସହ ଆଦିବାସୀ ପାଠ୍ୟକ୍ରମ ଉପରେ ଏକ ଉନ୍ନତ ବିଭାଗ, ଅନୁବାଦ ପାଠ୍ୟକ୍ରମ ବିଭାଗ, ସି.ଏଚ୍.ଡି ବିଭାଗ, ଯୁଗଉପଯୋଗୀ ନୂତନ ପାଠ୍ୟକ୍ରମ ଉପରେ ସର୍ବଶେଷ ଆଲୋଚନା କରିଥିଲେ। କଳାହାଣ୍ଡି ତଥା ଓଡ଼ିଶାର ଐତିହ୍ୟ ରଖିଥିବା ବୁଢହାଣ୍ଡି ଉପରେ ଗବେଷଣା ଏବଂ ଭବାନୀପାଟଣା ସହରର ଆଶା ସାଗରକୁ ଏକ ପୋଷ୍ୟ ପୋଖରୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଅଛି ବୋଲି ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ସେହିପରି ବିଶ୍ୱବିଦ୍ୟାଳୟର ପାଇଁ ସିଣ୍ଡିକେଟ ଗଠନ, ଅଧ୍ୟାପକ ନିଯୁକ୍ତି, ଶୀଘ୍ର ଜମି ଅଧିଗ୍ରହଣ, ସରକାରଙ୍କ ଅର୍ଥଆବଣ୍ଟନ ଉପରେ ଗୁରୁତ୍ୱ ଦେଇ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ଭାରତ ବର୍ଷର ଶୈକ୍ଷିକ ମାନଚିତ୍ରରେ ଏକ ଆଖିଦୃଶିଆ ସ୍ଥାନକୁ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଶ୍ୱବିଦ୍ୟାଳୟ ରେଜିଷ୍ଟର ପଦ୍ମଲୋଚନ ଭୁଏ, କ୍ୟାପ୍‌ଟେନ୍ ଡଃ ଜୟଦେବ ସାହୁ, ଅଖିଳଚନ୍ଦ୍ର ନାୟକ, ଡି.ଆଇ.ପି.ଆର୍.ଓ ମନୋଜ ବେହେରା ଉପସ୍ଥିତ ଥିଲେ।

# ମହୁରୁଣ୍ଡି ଅପର ସୁକତେଲ ଡ୍ୟାମ୍‌ରେ ମାଛ ମଡ଼କ


ଡ୍ୟାମରେ ମାଛ ମରି ଭାସୁଛି ।

**ଖପ୍ରାଖୋଲ,୧୬।୪(ଡି.ଏନ.ଏ.)**

**ଭାସୁଛି କୁଇଣ୍ଟାଲ କୁଇଣ୍ଟାଲ ମଲା ମାଛ**

ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଅପର ସୁକତେଲ ଡ୍ୟାମରେ ପ୍ରାୟ ୫ ଦିନ ହେଲା ମାଛ ମଡ଼କ ଦେଖିବାକୁ ମିଳିଛି। ଡ୍ୟାମ ପାଣିରେ କୁଇଣ୍ଟାଲ କୁଇଣ୍ଟାଲ ମଲା ମାଛ ଭାସୁଥିବା ବେଳେ କାଉ, ବଗ ଖାଉଥିବା ଦେଖିବାକୁ ମିଳିଛି। ଏହି ଡ୍ୟାମରେ ଅପର ସୁକତେଲ ମତ୍ସ୍ୟଜୀବୀ ମହାସଂଘ ତରଫରୁ ମାଛ ଚାଷ କରାଯାଇଥାଏ। ବର୍ଷା ଦିନେ ଅଧିକ ଏକର ଅଞ୍ଚଳରେ ପାଣି ରହୁଥିବା ବେଳେ ଖରା ଦିନେ ପ୍ରାୟ ଶହେ ଏକର ପରିଧି ମଧ୍ୟରେ ପାଣି ରହିଥାଏ। ଡ୍ୟାମରେ ପ୍ରାୟ ୨୦ରୁ ୨୫ କେଜି ଓଜନର ମାଛ ଧରାଯାଇ ଥାଏ। ହେଲେ ମାଛ ମଡ଼କ ଯୋଗୁ ମାଛ ମାରି ଗୁଜରାଣ ମେଣ୍ଟାଉଥିବା ମତ୍ସ୍ୟଜୀବୀଙ୍କ ମଧ୍ୟରେ ଭାଳେଣି ପଡିଯାଇଛି । ଏ ନେଇ ଖପ୍ରାଖୋଲ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦାୟିତ୍ୱରେ ଥିବା ବେଲପଡା ମତ୍ସ୍ୟ ଅଧିକାରୀ ସଞ୍ଜୀବ କୁମାର ସାହୁଙ୍କୁ ପଚାରିବାରେ କହିଥିଲେ ଡ୍ୟାମକୁ ଯାଇ ମାଛ ମରିଥିବା ଦେଖି ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିଛି । ଡ୍ୟାମରେ ମାଛ ଅନୁପାତରେ କମ୍ ପାଣି ଥିବାରୁ ପାଣି ଦୂଷିତ ହୋଇ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ମତ୍ସ୍ୟଜୀବୀମାନେ ଯଥାଶୀଘ୍ର ଡ୍ୟାମରୁ ମାଛ ମାରି ବିକ୍ରି କଲେ କିଛିଟା ଆୟ ହେବ । ଏହାଛଡା ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ସେ ପ୍ରକାଶ କରିଛନ୍ତି ।

# ଗାଁରୁ ପୋଲିସ ଫୋର୍ସ ହଟିଲା

**ଲୋଇସିଂହା,୧୬।୪(ଡି.ଏନ.ଏ)**

**ବିଞ୍ଜାପାଲି ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ଘଟଣା**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବିଞ୍ଜାପାଲି ଗାଁ ପୋଖରୀରେ ଗାଧୋଇବାକୁ କେନ୍ଦ୍ର କରି ସବର୍ଣ୍ଣ ଅସବର୍ଣ୍ଣ ମଧ୍ୟରେ ବିବାଦକୁ ନେଇ ଗାଁରେ ଉତ୍ତେଜନା ଲାଗି ରହିଥିଲା। କୌଣସି ଅଘଟଣ ଘଟିବା ଆଶଙ୍କା କରି ୧ ତାରିଖଠାରୁ ଗାଁରେ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ତେବେ ପରିସ୍ଥିତି ସୁଧୁରିବା ପରେ ଶୁକ୍ରବାର ଗାଁରୁ ପୋଲିସ ଫୋର୍ସ ହଟାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୯ରେ ଲୋଇସିଂହା ଥାନା ବୁର୍ଡା ପଞ୍ଚାୟତ ଅଧୀନ ବିଞ୍ଜାପାଲି ଗାଁର ଅସବର୍ଣ୍ଣ ବସ୍ତିର କେତେଜଣ ମହିଳା ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ସେମାନଙ୍କ ଘାଟରେ କେହି ଶୌଚ ହୋଇଥିବାରୁ ସବର୍ଣ୍ଣ ବସ୍ତିର ପୁରୁଷ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଘାଟରେ ଗାଧୋଉଥିଲେ । ଏହି ସମୟରେ ସବର୍ଣ୍ଣ ବସ୍ତିର କେତେକ ଯୁବକ ଗାଧୋଇବାକୁ ଆସି ଘାଟରେ ଅସବର୍ଣ୍ଣ ବସ୍ତିର ମହିଳାଙ୍କୁ ଦେଖି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରି ତଡି ଦେଇଥିଲେ। ପରେ ଅନ୍ୟ ଜଣେ ଯୁବକ ପଡାକୁ ଆସି ପୁଣି ଗାଳିଗୁଲଜ କରିଥିଲେ। ଏହି ଘଟଣା ପରେ ଅସବର୍ଣ୍ଣ ଗୋଷ୍ଠୀର ମହିଳାମାନେ ୫ ଜଣଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସବର୍ଣ୍ଣ ଗୋଷ୍ଠୀ ପକ୍ଷରୁ ମଧ ୧୩ଜଣଙ୍କ ନାମରେ ଅଭିଯୋଗ ହୋଇଥିଲା। ଏ ନେଇ ୨ଟି ପୃଥକ ମାମଲା ରୁଜୁ ହୋଇଥିଲା। ଗତ ମାର୍ଚ୍ଚ ୧ରେ ଅସବର୍ଣ୍ଣ ବସ୍ତିର ଲୋକେ ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରିଥିଲେ। ଅଶାନ୍ତ ପରିବେଶକୁ ଦୃଷ୍ଟିରେ ରଖି ଗାଁରେ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ସନ୍ଧ୍ୟା ୬ରୁ କର୍ଫ୍ୟୁ, ଶନି-ରବିବାର ସଟଡାଉନ୍

**ବଲାଙ୍ଗୀର ଅଫିସ, ୧୬।୪**

କରୋନା ସଂକ୍ରମଣ ମାମଲା ବୃଦ୍ଧିକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି । ରାଜ୍ୟ ସରକାରଙ୍କ ପକ୍ଷରୁ କର୍ଫ୍ୟୁ ଓ ସପ୍ତାହନ୍ତ ସଟ୍‌ଡାଉନ୍ ଘୋଷଣା କରାଯାଇଛି । ବଲାଙ୍ଗୀର ଜିଲା ସମେତ ପଡୋଶୀ ନୂଆପଡା, ବରଗଡ, କଳାହାଣ୍ଡି, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ରାତ୍ରୀକାଳୀନ କର୍ଫ୍ୟୁକୁ ଶନିବାର ଠାରୁ ସନ୍ଧ୍ୟା ୬ରୁ ସକାଳ ୫ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ଉପରୋକ୍ତ ୧୦ଟି ଜିଲାରେ କରୋନା ସଂକ୍ରମଣ ହାର କମାଇବା ଲକ୍ଷ୍ୟରେ ସାପ୍ତାହିକ ଶନିବାର ଓ ରବିବାର ଦୁଇଦିନ ସଟ୍‌ଡାଉନ୍ ଘୋଷଣା କରାଯାଇଛି । ସରକାରଙ୍କ


ଜିଲାପାଳ ଚଞ୍ଚଳ ରାଣା ଭିଡିଓ ବାର୍ତ୍ତାରେ ସୂଚନା ଦେଉଛନ୍ତି ।

ଏହି ଘୋଷଣା ପରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଅଧିକ ସତର୍କତା ପାଇଁ ଜିଲାବାସୀଙ୍କୁ ଭିଡିଓ ବାର୍ତ୍ତାରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି । କରୋନା ଦ୍ୱିତୀୟ ଲହର ବୃଦ୍ଧି ପରେ ଜିଲାରେ କରୋନା ମୁକାବିଲା ପାଇଁ କିଭଳି ସବୁ ପଦକ୍ଷେପ ନିଆଯାଇଛି ତାର ସୂଚନା ଦେଇଛନ୍ତି। ଜିଲାରେ ପ୍ରତିଦିନ ୧୫୦୦ ବ୍ୟକ୍ତିଙ୍କ କରୋନା ଟେଷ୍ଟ କରାଯାଉଛି । ଏବେ ଜିଲାରେ କୋଭିଡ ପଜିଟିଭ ରେଟ୍ ୫.୩ ପ୍ରତିଶତ ରହିଛି । ଶୁକ୍ରବାର ସୁଦ୍ଧା ଜିଲାରେ ୫୩୫ ସକ୍ରିୟ ମାମଲାରୁ ୪୮୪ ଜଣ ହୋମ ଆଇସୋଲେସନ୍‌ରେ ରହିଛନ୍ତି। ୧୫ ଜଣ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଆଇସିୟୁରେ,୧୯ ଜଣ ଆଇସୋଲେସନ୍‌ରେ ତଥା ୧୭ ଜଣ ଲର୍କିପାଲି ପଲିଟେକନିକ୍ କୋଭିଡ କେୟାର ସେଣ୍ଟରରେ ରହିଛନ୍ତି । ପ୍ରତ୍ୟେକ ବ୍ଲକରେ ୨/୩ଟି ରେପିଡ ରେସପନ୍ସ ଟିମ୍ (ଆରଆରଟି) ଓ ଡାକ୍ତର ବ୍ୟବସ୍ଥା କରାଯାଇଛି । ପ୍ରତି ସହରାଞ୍ଚଳରେ ୧/୨ଟି ଆରଆରଟି ଟିମ୍ ବ୍ୟବସ୍ଥା କରାଯାଇଛି । ହୋମ୍ ଆଇସୋଲେସନ୍‌ରେ ଥିବା ଲୋକଙ୍କୁ ସେମାନେ ସ୍ୱାସ୍ଥ୍ୟଗତ ପରାମର୍ଶ ଓ ସୁବିଧା ଦେବେ। ପ୍ରତ୍ୟେକ ବ୍ଲକ ଓ ସହରାଞ୍ଚଳରେ ଟିଏମ୍‌ସି ଖୋଲା ଯାଇଛି। ଜିଲାପାଳ କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏଠାରେ ୦୬୬୫୨-୨୩୦୯୬୯, ୨୩୨୭୭୩ ଓ ମୋବାଇଲ ନମ୍ବର ୯୪୩୮୭୭୬୩୯୪ରେ ଯୋଗାଯୋଗ କରିପାରିବେ । ସଟ୍‌ଡାଉନ୍ ଓ କର୍ଫ୍ୟୁ ସମୟରେ ସମସ୍ତ ଅତ୍ୟାବଶ୍ୟକ ଓ ଜରୁରୀକାଳୀନ ସେବା ଜାରି ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଡିଓ ଓ ସହରାଞ୍ଚଳ ନିର୍ବାହୀ ଅଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ଓ ଔଷଧ ଯୋଗାଣ ବ୍ୟବସ୍ଥା ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅମାନିଆଙ୍କୁ ତାଗିଦ୍ କରିବା ସହ କୋଭିଡ ନିୟମ କାନୁନ ମାନିବାକୁ ଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଏପ୍ରିଲ ୧୭/୨୦୨୧ Sambalpur, Saturday, April 17/ 2021

# ପ୍ରଥମ ବିଜୟ ଆଶାରେ ହାଇଦ୍ରାବାଦ




ନେଟ୍ସରେ ଅଭ୍ୟାସ ଅବସରରେ ଜନି ବେୟାରଷ୍ଟୋ।

**ଚେନ୍ନାଇ,୧୬।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ନବମ ମ୍ୟାଚ୍‌ରେ ଡେଭିଡ୍ ୱାର୍ନରଙ୍କ ସନରାଇଜର୍ସ ହାଇଦ୍ରାବାଦ ଓ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଶନିବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ଦଳରେ ସନ୍ତୁଳନ ଆଣିବାକୁ ଚେଷ୍ଟା କରିବ। ଦୁଇଟି ମ୍ୟାଚ୍ ଖେଳି ହାଇଦ୍ରାବାଦ ଦୁଇଟିରେ ପରାଜୟ ବରଣ କରି ଚାପରେ ରହିଛି। ଅପରପକ୍ଷରେ ମୁମ୍ବାଇ ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ବରଣ କରିଛି।

ଚେନ୍ନାଇର ଏହି ଟ୍ରାକ୍‌ରେ ହାଇଦ୍ରାବାଦ ୧୫୦ ରନର ଟାର୍ଗେଟକୁ ଚେଜ୍ କରିବାରେ ବିଫଳ ହୋଇଥିଲା। ହାଇଦ୍ରାବାଦ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୧୫୦ ରନ ଚେଜ୍ କରି ନ ପାରି ବାଙ୍ଗାଲୋରଠାରୁ ୬ ରନରେ ପରାସ୍ତ ହୋଇଥିଲା। ସେହିପରି ପ୍ରଥମ ମ୍ୟାଚ୍‌ରେ ୧୮୮ ରନର ପିଛା କରି କୋଲକାତାଠାରୁ ୧୦ ରନରେ ପରାସ୍ତ ହୋଇଥିଲା। ତେଣୁ ଚେଜ୍ କରିବା ଏବେ ହାଇଦ୍ରାବାଦ ପାଇଁ ସମସ୍ୟା ସୃଷ୍ଟି କରିଛି। ଦଳରେ ସାମର୍ଥ୍ୟ ଓ ଗଭୀରତା ନାହିଁ ଓ ବେଞ୍ଚ୍ ଷ୍ଟ୍ରେନ୍ଥ ମଧ୍ୟ ଭଲ ନାହିଁ ବୋଲି କୁହାଯାଇପାରେ। ଏପରି ସ୍ଥଳେ ମୁମ୍ବାଇ ଭଳି ଶକ୍ତିଶାଳୀ ଦଳକୁ ଭେଟିବା ଦଳ ପାଇଁ ଏକ ବଡ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଅନ୍ତିମ ଦଳ ଚୟନ ନେଇ ଅଧିନାୟକ ୱାର୍ନରଙ୍କ ସମ୍ମୁଖରେ କେତୋଟି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ତିମ ଦଳ ଚୟନରେ ହାଇଦ୍ରାବାଦ ସେତେଟା ପରିପକ୍ୱତା ପ୍ରଦର୍ଶନ କରିନାହିଁ ବୋଲି କେତେକ ଭାବୁଛନ୍ତି। ଦୁଇ ଉଇକେଟକିପର ଜନି ବେୟାରଷ୍ଟୋ ଓ ରିଦ୍ଧିମାନ ଶାହାଙ୍କୁ ଏକାଠି ଖେଳାଇବାର ଅର୍ଥ କିଛି ନାହିଁ। ପୁଣି ରିଦ୍ଧିମାନ ଓପନର ଭାବେ ବିଫଳ ହୋଇଛନ୍ତି। ୨୦୦୮ରୁ ପ୍ରଥମ ସଂସ୍କରଣରୁ ଆଇପିଏଲ୍ ଖେଳୁଥିଲେ ମଧ୍ୟ ରିଦ୍ଧିମାନ ରନ ସଂଗ୍ରହରେ ଆଦୌ ସ୍ଥିରତା ପ୍ରଦର୍ଶନ କରିନାହାନ୍ତି। ସେପଟେ ପ୍ରିୟମ ଗର୍ଗ ଓ ଅଭିଷେକ ଶର୍ମାଙ୍କ ଭଳି ଯୁବ ବ୍ୟାଟ୍ସମ୍ୟାନ ଓ ଅଭିଜ୍ଞ କେଦାର ଯାଦବ ଡଗ୍ ଆଉଟ୍‌ରେ ବସିଛନ୍ତି। ତେଣୁ ଦଳରେ ଶାହାଙ୍କ ଭୂମିକା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। କେଦାର ଓ ଅଭିଷେକ ଅଫ୍ ବ୍ରେକ୍ ବୋଲିଂ କରିବାର କ୍ଷମତା ରଖନ୍ତି। ବିଦେଶୀ ଖେଳାଳିଙ୍କ ମଧ୍ୟରେ ୱାର୍ନର ଓ ରସିଦ ଖାଁ ଖେଳିବା ନିଶ୍ଚିତ ମନେହେଉଛି। ସେହିପରି ଫିଟ୍‌ନେସ୍ ହାସଲ କରିଥିବା କେନ୍ ୱିଲିୟମସନ ଖେଳିବା ନିଶ୍ଚିତ। ସ୍ପିନ୍ ବୋଲିଂକୁ ଖେଳିବାରେ ୱିଲିୟମସନ ସିଦ୍ଧହସ୍ତ। ସେହିପରି ମନୀଷ ପାଣ୍ଡେ ଓ ଅବଦୁଲ ସମାଦ ବାଙ୍ଗାଲୋର ବାମହାତୀ ସ୍ପିନର ଶାହାବାଜ ଅହମଦଙ୍କ ବୋଲିଂ କ୍ରସ୍- ବ୍ୟାଟେଡ୍ ଶଟ୍ ଖେଳି ୱାର୍ନରଙ୍କୁ ଖୁସି କରିଛନ୍ତି। ପାଣ୍ଡେ ଇତିମଧ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡିଛନ୍ତି। ତେଣୁ ଏତେ ଶୀଘ୍ର ଭାରତୀୟ ଦଳରେ ସେ ସ୍ଥାନ ହାସଲ କରିବାକୁ ଯାଉ ନ ଥିବା ବେଳେ ଏବେ ହାଇଦ୍ରାବାଦ ପାଇଁ ମ୍ୟାଚ୍ ଫିନିଶର ଭୂମିକା ନିଭାଇବାକୁ ପ୍ରୟାସ କରିବେ। ଆଇପିଏଲ ଏବେ ତାଙ୍କୁ ନିଜ ତ୍ରୁଟି ସୁଧାରିବାକୁ ଓ ନିଜର ଦକ୍ଷତା ପ୍ରମାଣ କରିବାକୁ ସୁଯୋଗ ସୃଷ୍ଟି କରିଛି। ୩୦୦୦ ଆଇପିଏଲ୍ ରନ ସଂଗ୍ରହ କରିବାରେ ସେ ଅତ୍ୟନ୍ତ ମନ୍ଥରତା ଅବଲମ୍ବନ କରିଛନ୍ତି। ଚିପକ ଷ୍ଟାଡିୟମରେ ଲେଟ୍ ଖେଳିବା ଓ କ୍ରିଜ୍‌ର ଡେପ୍‌ଥରୁ ଫାଇଦା ଉଠାଇବାର ଆବଶ୍ୟକତା ରହିଛି। ୱିଲିୟମସନ ଏହା ଅବଶ୍ୟ କରି ଦେଖାଇଛନ୍ତି। ବୋଲିଂରେ ଟି. ନଟରାଜନ ଗତ ସଂସ୍କରଣ ଭଳି ଫର୍ମରେ ନାହାନ୍ତି। ଭୁବନେଶ୍ୱର କୁମାର ମଧ୍ୟ ବ୍ୟୟବହୁଳ

**ଆଇପିଏଲ୍- ୧୪**

ସାବ୍ୟସ୍ତ ହୋଇଛନ୍ତି। ସନ୍ଦୀପ ଶର୍ମା ଓ ସିଦ୍ଧାର୍ଥ କାଉଲ ବିକଳ୍ପ ସୃଷ୍ଟି କରିଥିଲେ ମଧ୍ୟ ମୁମ୍ବାଇର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌କୁ ସେତେଟା ସମସ୍ୟାରେ ପକାଇବେ ନାହିଁ ବୋଲି ମନେହେଉଛି।

ରୋହିତ ଶର୍ମା, କ୍ୱିଣ୍ଟନ ଡିକକ, ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନଙ୍କୁ ନେଇ ମୁମ୍ବାଇ ଟପ୍ ଅର୍ଡର ବେଶ୍ ଶକ୍ତିଶାଳୀ ମନେହେଉଛି। ମୁମ୍ବାଇ ତା'ର ପ୍ରଥମ ମ୍ୟାଚରେ ବାଙ୍ଗାଲୋରଠାରୁ ୨ ରନରେ ପରାସ୍ତ ହୋଇଥିଲା। ତେବେ ଦ୍ୱିତୀୟ ମୁକାବିଲାରେ ମୁମ୍ବାଇ କୋଲକାତାକୁ ୧୦ ରନରେ ହରାଇଥିଲା। ଏହି ବିଜୟ ପରେ ମୁମ୍ବାଇ ତା'ର ଦଳରେ ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। ତେବେ ପର୍ଯ୍ୟାପ୍ତ ବିକଳ୍ପ ଥିବାରୁ ମୁମ୍ବାଇ ବ୍ୟାଟିଂ ଲାଇନଅପ୍‌ରେ ସାମାନ୍ୟ ପରିବର୍ତ୍ତନ କରିପାରେ।

**ମୁମ୍ବାଇ ଇଣ୍ଡିଆନ୍ସ ଦଳ:** ରୋହିତ ଶର୍ମା (ଅଧିନାୟକ), ଆଦିତ୍ୟ ତାରେ, ଅନମୋଲପ୍ରୀତ ସିଂ, ଧବଲ କୁଲକର୍ଣ୍ଣୀ, ହାର୍ଦ୍ଦିକ ପାଣ୍ଡ୍ୟା, ଇଶାନ କିଷନ, ଯଶପ୍ରୀତ ବୁମ୍‌ରା, ଜୟନ୍ତ ଯାଦବ, କିରନ ପୋଲାର୍ଡ, କ୍ରୁନାଲ ପାଣ୍ଡ୍ୟା, କ୍ୱିଣ୍ଟନ ଡିକକ୍, ରାହୁଲ ଚହର, ସୂର୍ଯ୍ୟକୁମାର ଯାଦବ, ଟ୍ରେଣ୍ଟ ବୋଲ୍ଟ, କ୍ରିସ ଲିନ୍, ସୌରଭ ତିୱାରୀ, ମୋହସିନ ଖାଁ, ଆଡମ ମିଲନେ, ନାଥନ କୁଲଟର ନାଇଲ, ପୀୟୂଷ ଚାୱଲା, ମାର୍କ ଜନସନ, ଯୁଧବୀର ସିଂ, ଜେମ୍ସ ନିଶାମ ଓ ଅର୍ଜୁନ ତେନ୍ଦୁଲକର।

**ସନରାଇଜର୍ସ ହାଇଦ୍ରାବାଦ ଦଳ:** ଡେଭିଡ ୱାର୍ନର (ଅଧିନାୟକ), କେନ୍ ୱିଲିୟମସନ, ବିରାଟ ସିଂ, ମନୀଷ ପାଣ୍ଡେ, ପ୍ରିୟମ ଗର୍ଗ, ରିଦ୍ଧିମାନ ଶାହ, ଜନି ବେୟାରଷ୍ଟୋ, ଜାସନ ରୟ, ଶ୍ରୀବତ୍ସ ଗୋସ୍ୱାମୀ, ବିଜୟ ଶଙ୍କର, ମହମ୍ମଦ ନବି, କେଦାର ଯାଦବ, ଜେ. ସୁଚିତ, ଜାସନ ହୋଲ୍ଡର, ଅଭିଷେକ ଶର୍ମା, ରସିଦ ଖାଁ, ଟି. ନଟରାଜନ, ସନ୍ଦୀପ ଶର୍ମା, ଖଲିଲ ଅହମ୍ମଦ, ସିଦ୍ଧାର୍ଥ କାଉଲ, ବାସିଲ ଥମ୍ପି, ଶାହାବାଜ ନଦିମ ଓ ମୁଜିବ- ଉର ରହମାନ।

# ଇମିଲିଆ-ରେମାଗ୍ନା ଗ୍ରାଁପ୍ରି: ବୋଟାସ ଦ୍ରୁତତମ

**ଇମୋଲା (ଇଟାଲୀ), ୧୬।୪ (ଏପି):** ଇମିଲିଆ-ରେମାଗ୍ନା ଗ୍ରାଁ ପ୍ରି ପାଇଁ ଶୁକ୍ରବାର ଅନୁଷ୍ଠିତ ଦୁଇଟି ପ୍ରାକ୍ଟିସ ସେସନରେ ମର୍ସିଡିଜ୍ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସିଜନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରେଡ୍‌ବୁଲ୍ ପାଇଁ ଏହା ସମସ୍ୟା ସୃଷ୍ଟି କରିଛି। ଦୁଇଟି ଯାକ ପ୍ରାକ୍ଟିସ ସେସନରେ ଦ୍ରୁତତମ ବିବେଚିତ ଭାଲଟେରି ବୋଟାସ ପ୍ରଥମ ରେସ୍‌ରେ ଲୁଇସ୍ ହାମିଲଟନଙ୍କଠାରୁ .୦୪୧ ଏବଂ ଦ୍ୱିତୀୟ ରେସ୍‌ରେ ମାତ୍ର .୦୧୦ ସେକେଣ୍ଡ ପଛରେ ରହିଥିଲେ। ଦ୍ୱିତୀୟ ପ୍ରାକ୍ଟିସ ସେସନରେ ଆଲଫା ଡାଉରିର ପିଏରେ ଗାସ୍‌ଲୀ ବୋଟାସଙ୍କଠାରୁ ୦.୭୮ ସେକେଣ୍ଡ ଟାଇମ ପଛରେ ରେସ୍ ଶେଷ କରିଥିଲେ। ପ୍ରଥମ ପ୍ରାକ୍ଟିସ ସେସନରେ ବୋଟାସ ତୃତୀୟ ସ୍ଥାନ ଅଧିକାର କରିଥିବା ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କଠାରୁ .୦୫୮ ସେକେଣ୍ଡ ଆଗରେ ରହିଥିଲେ। ଆଲପାଇନ୍‌ର ଇଷ୍ଟବାନ୍ ଓକୋନ ଓ ରେଡ୍‌ବୁଲ୍‌ର ସର୍ଗିଓ ପେରେଜଙ୍କ କାର ମଧ୍ୟରେ ଦୁର୍ଘଟଣା ଯୋଗୁ ରେସ୍‌କୁ ପ୍ରଥମ ଥର ୨୨ ମିନିଟ ସ୍ଥଗିତ ରଖାଯାଇଥିଲା।




# ଆକ୍ରମଣାତ୍ମକ ବିଭାଗ ସୁଧାରିବା ଲକ୍ଷ୍ୟରେ ଗୋଆ

**ମାର୍ଗାଓ, ୧୬।୪(ପି.ଟି.)**

ଏଏଫସି ଚାମ୍ପିୟନ୍ସ ଲିଗ୍‌ରେ ନିଜ ପ୍ରଥମ ମ୍ୟାଚରେ ଐତିହାସିକ ପଏଣ୍ଟଲାଭ କରିଥିବା ଏଫ୍‌ସି ଗୋଆ ଶନିବାର ଦ୍ୱିତୀୟ ମ୍ୟାଚରେ ୟୁଏଇର ଅଲ୍ ୱାଦା ଦଳକୁ ଭେଟିବ। ପ୍ରଥଭ ଭାରତୀୟ ଦଳଭାବେ ଗୋଆ ଏଏଫସି ଚାମ୍ପିୟନ୍ସ ଲିଗ୍‌ରେ ପଏଣ୍ଟ ହାସଲ କରିଥିଲା। କାତାରର ଅଲ୍ ରାୟାନ ଦଳ ବିପକ୍ଷରେ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖି ଗୋଆ ଏହି ସଫଳତା ପାଇଥିଲା। ପ୍ରଥମ ମ୍ୟାଚ ଫଳାଫଳକୁ ନେଇ ମନୋବଳ ଦୃଢ଼ କରିଥିବା ଜୁଆନ ଫେରାଣ୍ଡୋଙ୍କ ଦଳ ଅଲ୍ ୱାଦା ବିପକ୍ଷରେ ପୂରା ୩ ପଏଣ୍ଟ ହାସଲ ଆଶାରେ ରହିଛି। ଏଥିପାଇଁ ଦଳ ଆକ୍ରମଣାତ୍ମକ ବିଭାଗରେ ସୁଧାର ଆଣିବାକୁ ଲକ୍ଷ୍ୟ ରଖିଛି।

ଆବୁଧାବି ଭିତ୍ତିକ ଦଳ ଅଲ୍ ରାୟାନ ପୂର୍ବରୁ ୧୨ ଥର ଏଏଫସି ଚାମ୍ପିୟନ୍ସ ଲିଗ୍‌ରେ ଖେଳିବା ଅଭିଜ୍ଞତା ରଖିଥିଲା। ତେଣୁ ଏହି ଦଳ ଅଭିଜ୍ଞତାକୁ ଉପଯୋଗ କରି ଆଧିପତ୍ୟ ବିସ୍ତାର କରିବାକୁ ଉଦ୍ୟମ କରିଥିବାବେଳେ ଏଫ୍‌ସି ଗୋଆ କଡ଼ା ଟକ୍କର ଦେଇଥିଲା। କେବଳ ସେତିକି ନୁହେଁ ଦଳର ରକ୍ଷଣଭାଗ ଚମତ୍କାର ପ୍ରଦର୍ଶନ କରି ଗୋଲ ହେବାକୁ ଦେଇ ନ ଥିଲା। ଏହି ମ୍ୟାଚରେ ଦଳ ଖୁବ୍ କମ୍‌ଥର ଗୋଲ ଦେବା ସୁଯୋଗ ସୃଷ୍ଟି କରିଥିଲା। ତେଣୁ ଆକ୍ରମଣାତ୍ମକ ବିଭାଗକୁ ସୁଧାରି ଗୋଆ ବିଜୟ ଲକ୍ଷ୍ୟରେ ଖେଳିବ ବୋଲି ଫେରାଣ୍ଡୋ ଆଶା ରଖିଛନ୍ତି। ''ଆମେ ଗତ ମ୍ୟାଚରେ ଗୋଟିଏ ପଏଣ୍ଟ ହାସଲ କରିଥିଲୁ। ଆସନ୍ତା ମ୍ୟାଚରେ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବୁ। ଆକ୍ରମଣକୁ ନିୟନ୍ତ୍ରଣରେ ରଖିବା ଗୁରୁତ୍ୱପୂର୍ଣ୍ଣ। ଆମ ଦଳ ଗୋଟିଏ ୟୁନିଟରେ ଖେଳି ବିଜୟ ଉପରେ ଫୋକସ କରୁଛି। ଦଳର ଡିଫେନ୍ସ ବିଭାଗ ଖେଳରେ ମୁଁ ବହୁତ ଖୁସି। ଆକ୍ରମଣାତ୍ମକ ବିଭାଗ ମଧ୍ୟ ସେପରି ଖେଳିବା ଆବଶ୍ୟକ'' ବୋଲି ଫେରାଣ୍ଡୋ କହିଛନ୍ତି। ଅଲ୍ ୱାଦା ଦଳର ଆକ୍ରମଣାତ୍ମକ ବିଭାଗ

**ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍**

ଖୁବ୍ ଶକ୍ତିଶାଳୀ। ତେଣୁ ଆମେ ବଲ୍‌କୁ ଯେତେ ଅଧିକ ସମୟ ନିଜ ପାଖରେ ରଖି ପାରିବୁ ସେତେ ଭଲ ହେବ ବୋଲି ସେ କହିଛନ୍ତି। ସେଣ୍ଟର ବ୍ୟାକ୍ ଗୋଞ୍ଜାଲେଜ, ଅଧିନାୟକ ଇଡ୍ଡୁ ବେଡିଆ, ଜର୍ଜ ଓର୍ଟିଜ୍ ଏବଂ ଇଶାନ ପଣ୍ଡିତ ଦକ୍ଷତା ଅନୁସାରେ ଖେଳିବେ ବୋଲି ସେ ଆଶା ରଖିଛନ୍ତି। ଚଳିତ ଲିଗ୍‌ରେ ଅଲ୍ ୱାଦା ନିଜର ପ୍ରଥମ ମ୍ୟାଚରେ ପେର୍ସେପୋଲିସଠାରୁ ୦-୧ ଗୋଲରେ ପରାଜିତ ହୋଇଛି। ତେଣୁ ଆଗାମୀ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେବ ବୋଲି କୋଚ୍ ପୂର୍ବାନୁମାନ କରିଛନ୍ତି। ଅଧିନାୟକ ତଥା ଭେଟେରାନ ୟୁଏଇ ଇଣ୍ଟରନ୍ୟାଶନାଲ ଇସମାଇଲ ମାତାରଙ୍କ ପ୍ରତ୍ୟାବର୍ତ୍ତନରେ ଅଲ୍ ୱାଦାର ଶକ୍ତି ବୃଦ୍ଧି ପାଇଛି। ଟିମ୍ ମାଟାଜ ଏବଂ ଖଲିଲ ଅଲ୍ ହାମ୍ମାଦି ଦଳର ଆକ୍ରମଣାତ୍ମକ ବିଭାଗ ନେତୃତ୍ୱ ନେଉଛନ୍ତି।



ଶୁକ୍ରବାର ଏଫ୍‌ସି ଗୋଆ ଖେଳାଳିଙ୍କ ଅଭ୍ୟାସ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ